# ବିଭିନ୍ନ ସ୍ଥାନରେ ଦୋଳ ଓ ହୋଲି ପାଳିତ









**ଯାଜପୁର ଟାଉନ, ୨୭।୩ (ସମିସ)**

ଦୋଳ ପୂର୍ଣ୍ଣମୀ ଅବସରରେ ଯାଜପୁରର ପ୍ରସିଦ୍ଧ ଶ୍ରୀଶ୍ରୀ ବରାହନାଥଙ୍କ ମନ୍ଦିର ସନ୍ନିକଟ ବୈତରଣୀ ନଦୀ କୂଳରେ ସର୍ବପୁରାତନ ବାଲିମେଳଣ ସୋମବାର ଉଦ୍‌ଯାପିତ ହୋଇଯାଇଛି। ପ୍ରତିବର୍ଷ ଭଳି ଏବର୍ଷ ଶତାଧିକ ବିମାନରେ ଜୀଉମାନେ ଘଣ୍ଟ ଘଣ୍ଟା, ମୃଦଙ୍ଗ ସଂକୀର୍ତ୍ତନ ସହିତ ଆଧୁନିକ ସାଜସଜ୍ଜା ଓ ଆତସବାଜୀ ରୋସଣୀ କରି ମେଳଣ ପଡ଼ିଆରେ ଉପବେସନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରଶାସନ ଦ୍ୱାରା ମେଳଣ ପଡ଼ିଆର ସ୍ୱଚ୍ଛତା, ପାନୀୟ ଜଳର ସୁବନ୍ଦୋବସ୍ତ, ପୁଲିସ୍ ପ୍ରଶାସନର ସାହାଯ୍ୟ ପାଇଁ ନିବେଦନ କରାଯାଇଥିଲା। ଯାଜପୁର ଓ ଭଦ୍ରକର ହଜାର ହଜାର ଭକ୍ତ ଶ୍ରୀଜୀଉଙ୍କ ଦର୍ଶନ କରିବା ପାଇଁ ମେଳଣ ପଡ଼ିଆକୁ ଛୁଟି ଆସିଥିଲେ। ସନ୍ଧ୍ୟାରେ ଶ୍ରୀକ୍ଷେତ୍ର ଭଜନ ସନ୍ଧ୍ୟା କଣ୍ଠଶିଳ୍ପୀ ଶରତ ବାରିକ ଓ ସାଥୀଙ୍କ ଦ୍ୱାରା ଆୟୋଜିତ ହୋଇଥିଲା। କଣ୍ଠଶିଳ୍ପୀଙ୍କୁ ସମ୍ପାଦକ ଶରତ ଚନ୍ଦ୍ର ମହାରଣା ଓ କ୍ଷୀରୋଦ ଚନ୍ଦ୍ର ପାଠୀ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ। ଭଜନ କାର୍ଯ୍ୟକ୍ରମକୁ ବୃନ୍ଦାବନ ମିଶ୍ର ଓ ଅଭିମନ୍ୟୁ ମିଶ୍ର ପରି.ଳନା କରିଥିଲେ। ସଭାପତି ଓ ସମ୍ପାଦକ ମଧୁସୂଦନ ମହାନ୍ତି, ଦିବାକର ମିଶ୍ର, ପ୍ରବୋଧ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସତ୍ୟରଂଜନ ବିଶ୍ୱାଳ, ଭାନୁଦତ୍ତ ରାୟ, ନୃସିଂହ ଚରଣ ଜେନା, ନୈବେଦ୍ୟ ଅର୍ପଣର ବ୍ୟବସ୍ଥା କରିଥିଲେ। ରେଜିଷ୍ଟ୍ରେସନ କାର୍ଯ୍ୟକ୍ରମରେ ଧନଞ୍ଜୟ କେଶରୀ ରାଉତରାୟ, ଗୋପିନାଥ ସେଠୀ, ନିଶିଥ କୁମାର ଦାଶ ଥିବାବେଳେ ବରିଷ୍ଠ ସଦସ୍ୟ ବନବିହାରୀ ମହାପାତ୍ର, କହ୍ନାଇ ଚରଣ ମହାନ୍ତି, ସୁବାସ ଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

**ବରୀ:** ରଙ୍ଗ ଓ ଭାଇଚାରାର ପର୍ବ ହୋଲିକୁ ବେଶ୍ ଧୁମ୍‌ଧାମରେ ପାଳିଛନ୍ତି ବରୀ ବିଧାୟିକା ସୁନନ୍ଦା ଦାସ। ସକାଳୁ ଶହ ଶହ ଶୁଭେଚ୍ଛୁ ଓ ସମର୍ଥକ ହାତରେ ଅବିର ଧରି ବିଧାୟିକା ଶ୍ରୀମତୀ ଦାସଙ୍କ ଭିଆବାରିଙ୍ଗିସ୍ଥ ବାସଭବନରେ ପହଞ୍ଚିଥିଲେ। କିଏ ବିଧାୟିକାଙ୍କୁ ରଙ୍ଗ ଲଗାଇ ହୋଲିର ଶୁଭେଚ୍ଛା ଜଣାଇଥିଲେ ତ ଆଉ କିଏ ପୁଷ୍ପଗୁଚ୍ଛ ସାଙ୍ଗକୁ ମିଠା ଖୁଆଇ ହୋଲି ମନାଇ ଥିଲେ। ଏ ଅବସରରେ ବିଧାୟିକା ଶ୍ରୀମତୀ ଦାସ ବରିଷ୍ଠଙ୍କଠାରୁ ଆଶୀର୍ବାଦ ନେଇ ଥିବାବେଳେ କନିଷ୍ଠଙ୍କୁ ଶୁଭେଚ୍ଛା ଜଣାଇଥିଲେ। କେବଳ ବରୀ ବିଧାୟିକା ନୁହଁନ୍ତି ବିଜେଡି ସଂଯୋଜକ ଦେବେନ୍ଦ୍ର ଦାସଙ୍କୁ ମଧ୍ୟ ଶୁଭେଚ୍ଛୁ ରଙ୍ଗ ଲଗାଇ ହୋଲି ଶୁଭେଚ୍ଛା ଜଣାଇଥିଲେ। ରଙ୍ଗର ପର୍ବ ହୋଲି ପାଳନ ଅବସରରେ ବରୀ ବ୍ଲକ୍ ବିଜେଡି ସଭାପତି କେଦାର ସାମଲ, ଜିଲ୍ଲା ପରିଷଦ ସଭ୍ୟ ଚତୁର୍ଭୁଜ ଦ୍ୱିବେଦୀ, ବରୀ ବ୍ଲକ ଉପାଧ୍ୟକ୍ଷା ଅର୍ଚ୍ଚନା ମଲିକ, ଯାଜପୁର ଜିଲ୍ଲା ବିଜେଡି ଉପସଭାପତି ଆର୍ତ୍ତବନ୍ଧୁ ସାମଲ, ପୂର୍ବତନ ସରପଞ୍ଚ ବିଜୟ କୁମାର ନାୟକ, ରାକେଶ ଦେଓ, ବରୀ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ବିଜୁ ଜନତା ଦଳର ପଞ୍ଚାୟତ ସଭାପତି, ସ୍ୱୟଂ ସହାୟକ ଗୋଷ୍ଠୀର ବହୁ ସଦସ୍ୟା, ଗଣମାଧ୍ୟମ ପ୍ରତିନିଧିଙ୍କ ସମେତ ବହୁ ଶୁଭେଚ୍ଛୁ ଓ ସମର୍ଥକ ଉପସ୍ଥିତ ରହି ବିଧାୟିକାଙ୍କୁ ଶୁଭେଚ୍ଛା ଜଣାଇବା ସହ ପୁଣି ଥରେ ପ୍ରତିନିଧିତ୍ୱ କରିବା ପାଇଁ ଶ୍ରୀରାଧା ଗୋବିନ୍ଦଙ୍କ ନିକଟରେ ଶୁଭ ମନାସି ଥିଲେ।

**ଚଢ଼େଇଧରା:** ଧର୍ମଶାଳା ବ୍ଲକ୍ ସମ୍ପାରୁ ପଞ୍ଚାୟତ ଅନ୍ତର୍ଗତ କାଦୁଅମାଗୁରା ଗ୍ରାମର ବହୁ ପୁରୁଣା ଠାକୁର ରୂପେ ପରିଚିତ ରାଇସିରି ଠାକୁରାଣୀ ପୀଠରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମିଳନ ପର୍ବ ମହାସମାରୋହରେ ପାଳିତ ହୋଇଯାଇଛି। ୨୫ ତାରିଖ ସନ୍ଧ୍ୟାରୁ ଆଖପାଖ ଅଞ୍ଚଳର ପ୍ରାୟ ୫ରୁ ଉର୍ଦ୍ଧ୍ୱ ବିମାନ ମେଳଣ ପଡ଼ିଆରେ ପହଞ୍ଚିଥିଲେ। ଏହି ମିଳନ ପର୍ବରେ ଥାନପତି ଭାବେ ପରିଚିତ କାଦୁଅମାଗୁରା ଗ୍ରାମର ରାହାସବିହାରୀ ଜୀଉ ପ୍ରଥମେ ଶୋଭାଯାତ୍ରାରେ ମେଳଣ ପଡିଆ ଅଭିମୁଖେ ଯାତ୍ରା କରିବା ପରେ ଅନ୍ୟ ଜୀଉମାନେ ଶୋଭାଯାତ୍ରାରେ ମଣ୍ଡପ ଅଭିମୁଖେ ବାହାରି ଥିଲେ। ବିଭିନ୍ନ ପ୍ରକାର ବାଦ୍ୟ ଓ ସଂକୀର୍ତ୍ତନ ଶବ୍ଦରେ ମେଳଣ ପଡିଆ ପ୍ରକମ୍ପିତ ହୋଇଥିଲା। ଆଖପାଖ ଅଞ୍ଚଳର ଭକ୍ତ ଓ ଶ୍ରଦ୍ଧାଳୁ ଯୋଗ ଦେଇ ବିଭୁ କୃପା ଲାଭ କରିଥିଲେ। ମେଳଣ ପଡିଆରେ ଗ୍ରାମ୍ୟ ମେଳଣ କମିଟି ପକ୍ଷରୁ ଏକ ଅସ୍ଥାୟୀ କାର୍ଯ୍ୟାଳୟ କରାଯାଇ ସମସ୍ତ କର୍ମକର୍ତ୍ତାଙ୍କ ସହଯୋଗରେ ଶାନ୍ତିଶୃଙ୍ଖଳାର ସହିତ ମିଳନ ପର୍ବ ମଙ୍ଗଳବାର ଅପରାହ୍ନରେ ଉଦ୍‌ଯାପିତ ହୋଇଥିଲା। ଗ୍ରାମ୍ୟ କମିଟି ସଭାପତି ସୁଦାମ ଚରଣ ପ୍ରଧାନ, ସମ୍ପାଦକ ଭରତ ଚନ୍ଦ୍ର ଜେନା, ପ୍ରାନ୍ତ ସଭାପତି ରସାନନ୍ଦ ସ୍ୱାଇଁ, ମୁଖ୍ୟ କର୍ତ୍ତା ରୂପେ ସତ୍ୟାନନ୍ଦ ନାୟକ, ବାଉରୀବନ୍ଧୁ ନାୟକ, ପ୍ରଦୀପ ବାରିକ, ବିବେକାନନ୍ଦ ରାଉତ, ହାଡ଼ିବନ୍ଧୁ ନାୟକ, ପଦନ ମଲିକ ପ୍ରମୁଖ ଉପସ୍ଥିତ ରହି ସୂଚାରରୂପେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ଦଶରଥପୁର:** ଦଶରଥପୁର ବ୍ଲକ୍ ଅକରପଡ଼ା ପଞ୍ଚାୟତର ଦୋଗଡ଼ାସ୍ଥ ନୃସିଂହ ଦୋଳ ମେଳଣ ଅନୁଷ୍ଠିତ ହୋଇଯାଇଛି। ବାବା ଅଭୟ ନୃସିଂହ ମନ୍ଦିର ସମ୍ମୁଖ ପଡ଼ିଆରେ ଅନୁଷ୍ଠିତ ଏହି ମେଳଣ ୭୪ ବର୍ଷ ପୂର୍ବେ ସ୍ଥାନୀୟ ସାନଦୋଗଡ଼ା, ବଡ଼ଦୋଗଡ଼ା ଓ ମିରିଚାନ୍ଦପୁର ଅଞ୍ଚଳର କେତେଜଣ ବରିଷ୍ଠ ମୁରବୀଙ୍କ ପ୍ରୟାସରେ ଆରମ୍ଭ ହୋଇଥିଲା। ପ୍ରତବର୍ଷ ଭଳି ଚଳିତ ବର୍ଷ ଏହି ମେଳଣରେ ହରିହର ଭେଟ ହେବା ସହିତ ୩୦ଟି ବିମାନ ପାରମ୍ପରିକ ବାଦ୍ୟ, ଘଣ୍ଟ ଘଣ୍ଟା ଓ ଆତସବାଜିରେ ରୋଷଣୀ କରି ମେଳଣ ପଡ଼ିଆରେ ପ୍ରବେଶ କରିଥିଲେ। ମନ୍ଦିର ପୂଜକ ବାବୁଜି ପାଢ଼ୀ, ସୁରେନ୍ଦ୍ର ପାଢ଼ୀ ଓ ନିଶିକାନ୍ତ ପଣ୍ଡାଙ୍କ ଦ୍ୱାରା ଯଥାରୀତି ପୂଜାର୍ଚ୍ଚନା ପରେ ଠାକୁରଙ୍କ ଭୋଗ ଲାଗି କରାଯାଇଥିଲା। ମିରିଚାନ୍ଦପୁର, କଳସପୁର, ବାଛିଆରୀ, ବାଲିଆମୁଣ୍ଡୁଳି, ଇଟାଚଇତି, କପିଳେଶ୍ୱର, ସାନଦୋଗଡ଼ା, ବଡ଼ଦୋଗଡ଼ା, ଖଣ୍ଡରା, ତ୍ରିଲୋଚନପଡ଼ା, ଚିତାଳୋ ଗ୍ରାମ ସମେତ ଆଖପାଖର ବହୁ ଗ୍ରାମବାସୀ ମେଳଣରେ ସାମିଲ ହୋଇଥିଲେ। ବିଶ୍ୱମ୍ବର ଦାସ, ବାସୁଦେବ ଦାସ, ପ୍ରୀତିକାନ୍ତ ଦାସ, ରତିକାନ୍ତ ଦାସ, ଶ୍ରୀକାନ୍ତ ଦାସ, ଗୟାଧର ବେହୁରିଆ, ଅଧିକାରୀ ନବକିଶୋର ଦାସ, ଗୋବର୍ଦ୍ଧନ ରାଉତରାୟ, ରବୀନ୍ଦ୍ର ଦାସ, ଆଲୋକ ଦାସ, ପ୍ରଦୀପ ବେହୁରିଆ, କପିଳ ଚରଣ ବେହୁରିଆ, ଗୁରୁ ଚରଣ ରାଉତଙ୍କ ସମେତ ସ୍ଥାନୀୟ ସ୍ୱେଚ୍ଛାସେବୀ ମେଳଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ସେହିପରି ଦଶରଥପୁର ବ୍ଲକ୍ କାର୍ଯ୍ୟାଳୟ ନିକଟସ୍ଥ ଗୋବିନ୍ଦଜୀଉ ମଠ ମେଳଣରେ ଚାନ୍ଦକୁଡ଼ା, ବଙ୍ଗାଳିସାହି, ଖୋସାଲପୁର, ବାଲିସାହି, ଭଙ୍ଗାବାରି, ନନ୍ଦିପୁର, ଅହିୟାସ ଆଦି ଅଞ୍ଚଳରୁ ୧୫ଟି ବିମାନ ଶୋଭାଯାତ୍ରାରେ ମେଳଣ ପଡ଼ିଆରେ ପହଞ୍ଚିବା ପରେ ମେଳଣ କମିଟି ପକ୍ଷରୁ ସମସ୍ତ ବିମାନକୁ ସ୍ୱାଗତ କରାଯାଇଥିଲା। କମିଟିର କର୍ମକର୍ତ୍ତା ସରୋଜ ମହାପାତ୍ର, ଧୀର ମହାପାତ୍ର, ନିକୁଞ୍ଜ ମହାପାତ୍ର, ଆୟୁଷ ମହାପାତ୍ର ଓ ଓମକାର ମହାପାତ୍ରଙ୍କ ସମେତ କମିଟିର ସଭ୍ୟ ମେଳଣ ପରିଚାଳନା କରିଥିଲେ।

**ବ୍ରହ୍ମବରଦା:** ରସୁଲପୁର ବ୍ଲକ ବ୍ରହ୍ମବରଦା ଗ୍ରାମରେ ୮୬ ବର୍ଷ ଧରି ଚାଲିଆସିଥିବା ଶ୍ରୀଶ୍ରୀ ରଘୁନାଥଜୀଉ ମେଳଣ ଏହି ବର୍ଷ ବି ବହୁ ଆଡ଼ମ୍ବରରେ ଗତ ମଙ୍ଗଳବାର ରାତିରୁ ଆରମ୍ଭ ହୋଇ ବୁଧବାର ଅପରାହ୍ନରେ ଉଦଯାପିତ ହୋଇଛି। ମଙ୍ଗଳବାର ରାତ୍ର ୧ଟାରେ ପ୍ରଥମେ ଥାନପତି ବିମାନ ମେଳଣ ପଡ଼ିଆକୁ ବିରାଜିତ କରିଥିଲେ। ପରଦିନ ସକାଳୁ ସକାଳୁ ବ୍ରହ୍ମବରଦା ଛେନାଖିଆପାଟଣା ଗ୍ରାମର ଶ୍ରୀଗୋପୀନାଥଜୀଉ ବିମାନ, ଚାନ୍ଦପୁରର ଶ୍ରୀରଘୁନାଥ ଜୀଉ ବିମାନ, ଗୋପାଳପୁର ହିଙ୍ଗୁଳା ସାହିର ଶ୍ରୀ ବୃନ୍ଦାବନଚନ୍ଦ୍ର ଜୀଉ ବିମାନ, କୁଣ୍ଡପାଟଣାରୁ ଶ୍ରୀ ରାଧାକାନ୍ତ ଜୀଉ ବିମାନ, କାକୁଡିକୁଦରୁ ଶ୍ରୀ ରାଧାଗୋବିନ୍ଦଜୀଉ ବିମାନ, ଚତରପଦାରୁ ଶ୍ରୀ ଗୋପୀନାଥ ଜୀଉ ବିମାନ, ଗୋପାଳପୁର ବଉଳମୂଳରୁ ଶ୍ରୀ ରାଧାକାନ୍ତ ଜୀଉ ବିମାନଙ୍କ ସମେତ ଅନ୍ୟ ୨୦ରୁ ଊର୍ଦ୍ଧ୍ୱ ଛୋଟ ଛୋଟ ବିମାନ ପଡ଼ିଆରେ ପହଞ୍ଚିଥିଲେ। ପୂଜା କମିଟି ସଭାପତି ସୁକାନ୍ତ ବିଶ୍ୱାଳ, ଉପସଭାପତି ମହେଶ ବେହେରା, ସମ୍ପାଦକ ଅତୁଲ୍ୟ ରାଉତ, ସହସମ୍ପାଦକ ବିବେକାନନ୍ଦ ଦେଓଙ୍କ ସମେତ ଗାଁ ମୁରବି ବିପିନ ବିହାରୀ ଦେଓ, କବି ନିମାଇଁ ଚରଣ ଦାସ, ସମାଜସେବୀ ପ୍ରଦୀପ ଦାସ, ଯୁବ ନେତା ରାକେଶ ଦେଓ, ଚିନ୍ତାମଣି ରାଉତ, ଅମୂଲ୍ୟ ରାଉତ, ପୂର୍ଣ୍ଣଚନ୍ଦ୍ର ପ୍ରତାପ ଉଦଣ୍ଡ ରାୟ, ଧନେଶ୍ୱର ବିଶ୍ୱାଳ, ଅଶୋକ ରାଉତ ମେଳଣ ପରିଚାଳନା କରିଥିଲେ। ବ୍ରହ୍ମବରଦା ଥାନା ଆଇଆଇସି ଦେବାଶିଷ ସତପଥୀ ଓ ତାଙ୍କ ସହଯୋଗୀ ଆଇନଶୃଙ୍ଖଳା ରକ୍ଷା କରିଥିଲେ।

**ଯଖପୁରା:** କଳିଙ୍ଗନଗର ଶିଳ୍ପାଞ୍ଚଳରେ ସାମାଜିକ କର୍ମୀ, ସାମ୍ବାଦିକ ଅନାଥ ଶିଶୁ, ସ୍ୱାସ୍ଥ୍ୟକେନ୍ଦ୍ର ଅନ୍ତେବାସୀଙ୍କ ସହ ହୋଲି ପାଳନ କରିଛନ୍ତି। ସୁକିନ୍ଦା ନିର୍ବାଚନ ମଣ୍ଡଳୀର ସାମାଜିକ ଅନୁଷ୍ଠାନ ଟିକିଏ ହସ ଓ କଳିଙ୍ଗନଗର ପ୍ରେସ ଫୋରମର ମିଳିତ ଉଦ୍ୟମରେ ହୋଲିରେ ଅନ୍ନପୂର୍ଣ୍ଣା ଚାଇଲ୍ଡ କେୟାରର ଅନାଥ ଶିଶୁ ଓ ଦାନଗଦି ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ଅନ୍ତେବାସୀଙ୍କ ମୁହଁରେ ଟିକେ ଟିକେ ହସ ଫୁଟାଇବା ପାଇଁ ପ୍ରୟାସ କରିଥିଲେ। ବାପା ମାଙ୍କୁ ହରାଇ ଥିବା ୬୦ରୁ ଉର୍ଦ୍ଧ୍ୱ ଅନାଥ ଆଶ୍ରମର ପିଲାମାନଙ୍କ ସହ ଫଗୁ ଖେଳିବା ସହ ମେଡିକାଲର ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା। ପ୍ରଥମେ ମଙ୍ଗଳପୁର ପଞ୍ଚାୟତର ଅନ୍ନପୂର୍ଣ୍ଣା ଶିଶୁ ଯତ୍ନଗୃହରେ ସମସ୍ତ ଅନାଥ ଅସହାୟ ପିଲାଙ୍କ ସହ ହୋଲି ଖେଳିବା ସହ ମିଷ୍ଟାନ ବଣ୍ଟନ ହୋଇଥିଲା। ପରେ ଦାନଗଦି ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କଳିଙ୍ଗନଗର ପ୍ରେସ ଫୋରମର ସାମ୍ବାଦିକଙ୍କ ସହ ଟିକିଏ ହସର ଆବାହକ ବିଶ୍ୱଜିତ ମାଝୀ, ବାବୁଲି ନାଟିଆ, ସୁଦାମ ପୋଇ, ଅକ୍ଷୟ କୁମାର ସାହୁ, ବିଜୟ କୁମାର ଦାସ, ଡାକ୍ତର ଦୀପକ ସେନ, ଅମୂଲ୍ୟ କୁମାର ବେହେରା, ଅନୀଲ ଦାସ, ପ୍ରଭାତ ଜେନା, ତ୍ରିଲୋଚନ ବେହେରା, ରାଜା ସ୍ୱାଇଁ, ବିଶ୍ୱଜିତ ପାଗଡ଼, ରମେଶ ନାଟିଆ, ପ୍ରମୋଦ କୁମାର ଓଝା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କଳିଙ୍ଗନଗର ପ୍ରେସ ଫୋରମର ସଭାପତି ଅଭୟ ଲୋଚନ ନାୟକ, ସମ୍ପାଦକ ଶ୍ରୀକାନ୍ତ ମହାପାତ୍ର, ସହସମ୍ପାଦକ ଦିଲ୍ଲୀପ କୁମାର ପରିଡା, କୋଷାଧ୍ୟକ୍ଷ ଅନୁଜ କୁମାର ମଲ୍ଲିକ, ଉପସଭାପତି ଅଭିନାଶ ମିଶ୍ର ଓ ତୁଷାର ରଞ୍ଜନ ସାହୁ, ବିଜୟ ରଶ୍ମି ତ୍ରିପାଠୀ, ମୃତ୍ୟୁଞ୍ଜୟ ଦେଓ, ଚିତ୍ତରଞ୍ଜନ ସାହୁ ପ୍ରମୁଖ ସାମିଲ ଥିଲେ।

## ସଜେଇ ହେଉଛି ଶଙ୍ଖଚିଲା ମା' ହିଙ୍ଗୁଳା ମନ୍ଦିର



**ଶଙ୍ଖଚିଲା, ୨୭।୩(ସମିସ):** ବୈଶାଖ ମାସ ୧୦ ଦିନ ଅର୍ଥାତ ଇଂରାଜୀ ଏପ୍ରିଲ ମାସ ୨୨ ତାରିଖରୁ ଆରମ୍ଭ ହେବାକୁ ଯାଉଛି ଶଙ୍ଖଚିଲାର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳା ଦେବୀଙ୍କ ୯୪ତମ ବିଶ୍ୱଶାନ୍ତି ମହାଯଜ୍ଞ ମହୋତ୍ସବ ଓ ୫୬ତମ ନାମଯଜ୍ଞ। ଏହାକୁ ନେଇ ଏବେଠୁ ଚଳଚଞ୍ଚଳ ଦେଖାଗଲାଣି ଶଙ୍ଖଚିଲା ଅଞ୍ଚଳ। ଏପ୍ରିଲ ୨୨ ତାରିଖରେ ଶୁଭାଧିବାସ କଳସ ଶୋଭାଯାତ୍ରା ଅନୁଷ୍ଠିତ ହେବାକୁ ଥିବାବେଳେ ଏପ୍ରିଲ ୨୫ ତାରିଖ ଯଜ୍ଞର ପୂର୍ଣ୍ଣାହୁତି ଦିଆଯିବ। ମା'ଙ୍କ ମେଳାକୁ ଦୃଷ୍ଟିରେ ରଖି ମନ୍ଦିର ସମେତ ମନ୍ଦିର ବେଢାକୁ ଚିତ୍ରକଳା ସହ ବିଭିନ୍ନ ରଙ୍ଗ ଦ୍ୱାରା ସୁସଜ୍ଜିତ କରାଯାଉଥିବା ଦେଖିବାକୁ ମିଳିଛି। ବିଶେଷକରି ମନ୍ଦିରର ପ୍ରବେଶ ଦ୍ୱାରର ନିଖୁଣ କାରୁକାର୍ଯ୍ୟ ମନ୍ଦିରର ସୌନ୍ଦର୍ଯ୍ୟକୁ ବହୁ ଗୁଣିତ କରୁଥିବାବେଳେ ମେଳାକୁ ଆସିବାକୁ ଥିବା ଭକ୍ତଙ୍କୁ ନିଶ୍ଚିତ ଭାବେ ଆକୃଷ୍ଟ କରିବ। ଏ ନେଇ ଯୁଦ୍ଧକାଳୀନ ଭିତ୍ତିରେ ଶିଳ୍ପୀ କାର୍ଯ୍ୟ ଜାରି ରଖିଥିବା ଦେଖିବାକୁ ମିଳିଛି। ମା' ହିଙ୍ଗୁଳାଙ୍କ ମେଳା ଯାଜପୁର ଜିଲ୍ଲାର ପ୍ରସିଦ୍ଧ ମେଳା ହୋଇଥିବାବେଳେ ଏଠାକୁ ସମଗ୍ର ଯାଜପୁର ଜିଲ୍ଲା ସମେତ ଜିଲ୍ଲା ବାହାରୁ ଭକ୍ତ ଏଠାକୁ ଆସିଥାନ୍ତି। ସେଥିନିମନ୍ତେ ଭକ୍ତଙ୍କ ସୁବିଧା ପାଇଁ ସମସ୍ତ ପ୍ରକାରର ସହଯୋଗ କମିଟି ପକ୍ଷରୁ ଯୋଗାଇ ଦିଆଯାଇଥାଏ। ତତ୍‌ସହିତ ସୁସଜ୍ଜିତ ହିଙ୍ଗୁଳା ମିନିପାର୍କ ଭକ୍ତଙ୍କୁ ଆକୃଷ୍ଟ କରିବା ସହିତ ମେଳାରେ ବୁଲି ଟିକେ ଥକ୍କା ମେଣ୍ଟାଇବାରେ ସହାୟକ ହେବ ବୋଲି ଆଶା କରାଯାଉଛି।

## ଦୁଇ ନାବାଳିକାଙ୍କୁ ଅପହରଣ ଅଭିଯୋଗରେ ଜଣେ ଗିରଫ

**ସୁକିନ୍ଦା,୨୭।୩(ସମିସ):** କାଳିଆପାଣି ଥାନା ଅନ୍ତର୍ଗତ ସାରୁଆବିଲ ଅଞ୍ଚଳରୁ ଦୁଇ ନାବାଳିକାଙ୍କୁ ଅପହରଣ କରିବା ଅଭିଯୋଗରେ କାଳିଆପାଣି ପୁଲିସ ମିଳନ ବିନ୍ଧାଣୀ(୧୯)କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି। କାଳିଆପାଣି ଥାନା ଅନ୍ତର୍ଗତ ସାରୁଆବିଲ ଅଞ୍ଚଳରୁ ଦୁଇଜଣ ନାବାଳିକାଙ୍କୁ କେନ୍ଦୁଝର ଅଞ୍ଚଳର ଜଣେ ଯୁବକ ଅପହରଣ କରି ନେଇଥିବା ନେଇ ନାବାଳିକାଙ୍କ ପରିବାର ପକ୍ଷରୁ କାଳିଆପାଣି ଥାନାରେ ଅଭିଯୋଗ ହୋଇଥିଲା। ପୁଲିସ ଅଭିଯୋଗକୁ ଭିତ୍ତିକରି ୪୮/୨୪ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ବାଲିବନ୍ଧ ଅଞ୍ଚଳର ମିଳନ ଜଣେ ନାବାଳିକାକୁ ପାଟଣା ଓ ଅନ୍ୟ ଜଣକୁ ଯାଜପୁର ଅଞ୍ଚଳରେ ରଖିଥିବା ଖବର ପାଇ ଚମଡ କରି ଉଭୟ ନାବାଳିକାଙ୍କୁ ଉଦ୍ଧାର କରିବା ସହ ସଂପୃକ୍ତ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

## ବାଇକ୍ ଧକ୍କାରେ ଲୁନା ଚାଳକ ମୃତ

**ଦଶରଥପୁର, ୨୭।୩ (ସମିସ):** ଦଶରଥପୁର ବ୍ଲକ୍ ତଥା ଯାଜପୁର ଟାଉନ ଥାନା ଅକରପଡ଼ା ପଞ୍ଚାୟତ ଶିବଦାସପୁର-ଶ୍ରୀଧରପୁର ରାସ୍ତାର କମାରସାହି ନିକଟରେ ଲୁନା ଓ ବାଇକ୍ ମୁହାଁମୁହିଁ ଧକ୍କାରେ ଲୁନା ଚାଳକଙ୍କ ମୃତ୍ୟୁ ହୋଇଥବା ଜଣାଯାଇଛି। ମୃତକ ଜଣଙ୍କ ଅକରପଡ଼ା ପଞ୍ଚାୟତ ଶ୍ରୀଧରପୁର ଗ୍ରାମର ସେକ୍ ୟୁନୁସ୍ (୫୪) ବୋଲି ସୂଚନା ମିଳିଛି। ସେକ୍ ୟୁନୁସ୍ ଓ ତାଙ୍କ ପତ୍ନୀ ମଙ୍ଗଳବାର ରାତି ୮ଟାରେ ଯାଜପୁର ଟାଉନରୁ ଘରକୁ ଫେରୁଥିବାବେଳେ କମାରସାହି ନିକଟରେ ବିପରୀତ ଦିଗରୁ ରାହାସୋଇ ଅଞ୍ଚଳରୁ ବାଇକ୍‌ରେ ଆସୁଥିବା ୩ ଯୁବକଙ୍କ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ଲୁନା ଚାଳକ ସେକ୍ ୟୁନୁସ୍ ଗୁରୁତର ଆଘାତପ୍ରାପ୍ତ ହେବା ସହିତ ତାଙ୍କ ପତ୍ନୀ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିବାବେଳେ ଅବସ୍ଥା ସଂକଟାପନ୍ନ ଥିବାରୁ ସେକ୍ ୟୁନୁସଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ୟୁନୁସଙ୍କର ମୃତ୍ୟୁ ହୋଇଥିବାବେଳେ ତାଙ୍କ ପତ୍ନୀ ଆହତ ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି। ଯାଜପୁର ଟାଉନ ଥାନା ପୁଲିସ ଦୁର୍ଘଟଣା ଘଟାଇଥିବା ବାଇକ୍‌କୁ ଜବତ କରି ତଦନ୍ତ ଜାରି ରଖିଛି।

## ବାଇକ୍ ଦୁର୍ଘଟଣାରେ ଯୁବକ ଗୁରୁତର

**ସୁକିନ୍ଦା,୨୭।୩ (ସମିସ):** କାଳିଆପାଣି ଥାନା ଅନ୍ତର୍ଗତ କାଦୁଆବନ୍ଦି ଗ୍ରାମ ପାଖ ରାସ୍ତାରେ ଏକ ବାଇକ୍ ଦୁର୍ଘଟଣା ଘଟି ଜଣେ ଯୁବକ ଗୁରୁତର ଆହତ ହୋଇ କଟକ ସ୍ଥାନାନ୍ତର ହୋଇଥିବା ଜଣାପଡିଛି। ସୂଚନା ମୁତାବକ, ସୁକିନ୍ଦା ଥାନା ଅନ୍ତର୍ଗତ ବନ୍ଧଗାଁ ପଞ୍ଚାୟତ ଅଧୀନସ୍ଥ ମାଣତିରା ଗ୍ରାମର ଭୀଷ୍ମ ମହାନ୍ତଙ୍କ ପୁଅ ସରୋଜ ମହାନ୍ତ(୨୦) ମଙ୍ଗଳବାର ଖଣି ଅଞ୍ଚଳରୁ ବାଇକ୍ ଯୋଗେ ଘରକୁ ଫେରୁଥିବାବେଳେ କାଦୁଆବନ୍ଦୀ ପାଖ ରାସ୍ତାରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଏହି ଦୁର୍ଘଟଣାରେ ସରୋଜଙ୍କ ମୁଣ୍ଡ ଓ ଦେହର ବିଭିନ୍ନ ସ୍ଥାନରେ ଗଭୀର ଆଘାତ ଲାଗିଥିଲା। ସ୍ଥାନୀୟ ଲୋକେ ସରୋଜଙ୍କୁ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରାଯାଇଛି।

## ଯୁବ ସମାଜସେବୀଙ୍କ ଅଙ୍ଗଦାନ

**କବାଟବନ୍ଧ/ଧର୍ମଶାଳା, ୨୭।୩ (ସମିସ):** ମୃତ୍ୟୁ ପରେ ନିଜ ଶରୀରର ଅଙ୍ଗଦାନ କରିବାକୁ ଚୁକ୍ତି ସ୍ୱାକ୍ଷର କରିଛନ୍ତି ଯୁବ ସମାଜସେବୀ ଜୀବନ। ଧର୍ମଶାଳା ବ୍ଲକ ଚୋରମୁହାଁ ପଞ୍ଚାୟତ ଅଧୀନ ବଡ଼ଚଣା ବାରି ଗାଁର ଅନନ୍ତ ଚରଣ ଦଳାଇ ଓ ସରସ୍ୱତୀ ଦଳାଇଙ୍କ ପୁଅ ଜୀବନ ଦଳାଇ। ସମାଜସେବାରେ ନିଜକୁ ସମର୍ପିତ କରିଛନ୍ତି ଜୀବନ। ସମାଜର ହିତ ପାଇଁ ଅଙ୍ଗଦାନ ଯାତ୍ରାରେ ଜଣେ ସଫଳ ପଥିକ ହେବାକୁ ସେ ନିଷ୍ପତ୍ତି ନେଇଛନ୍ତି। ବିଶେଷ ଭାବେ ଚକ୍ଷୁ ଅଭାବଜନିତ ସମସ୍ୟାର ସମାଧାନ ପାଇଁ ମୃତ୍ୟୁ ପରେ ଚକ୍ଷୁଦାନ କରିବାର ନିଷ୍ପତ୍ତି ନେବା ସହ କିଡନୀ, ହାର୍ଟ, ଫୁସ୍‌ଫୁସ୍, ଲିଭର, ବ୍ଲଡ ଭେସେଲ ଓ ମେଡ଼ିକାଲ ଛାତ୍ରଛାତ୍ରୀଙ୍କ ଗବେଷଣା ନିମନ୍ତେ ସର୍ବାଙ୍ଗ ଦାନ କରିବାକୁ ସ୍ୱାକ୍ଷର କରିଛନ୍ତି ଓ ସାରା ଜୀବନ ଲୋକଙ୍କ ପାଇଁ ସେବା କରିବି ବୋଲି କହିଛନ୍ତି ଜୀବନ। ଜୀବନଙ୍କ ଏପରି କାର୍ଯ୍ୟ ପାଇଁ ତାଙ୍କୁ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସା କରାଯାଇଛି।




## ଧର୍ମପ୍ରାଣ ବ୍ୟକ୍ତିଙ୍କ ପରଲୋକ



**ଚଢେଇଧରା,୨୭।୩ (ସମିସ):** ଧର୍ମଶାଳା ବ୍ଲକ୍ ମହିଶରା ପଞ୍ଚାୟତ ଅଧୀନ ବାଟିଯୋଡ଼ା ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତି ସୁନାକର ସାହୁଙ୍କ ୯୩ ବର୍ଷ ବୟସରେ ସୋମବାର ଦିନ ପରଲୋକ ଘଟିଛି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ଦୁଇପୁତ୍ର, ପୁତ୍ରବଧୂ ଓ ସମସ୍ତ ପରିବାର ଉପସ୍ଥିତ ଥିଲେ। ସେ ଏ ଅଞ୍ଚଳର ବିଶିଷ୍ଟ ବ୍ୟବସାୟୀ, କୃଷକ, ସମାଜସେବୀ ଓ ମିଷ୍ଟଭାଷୀ ବ୍ୟକ୍ତି ଥିଲେ। ଅତୀତରେ ସେ ବାଟିଯୋଡ଼ା ଉପ୍ରା ବିଦ୍ୟାଳୟର ପରିଚାଳନା କମିଟି ଚେୟାରମେନ ରହି ବିଦ୍ୟାଳୟର ବହୁତ ଉନ୍ନତିମୂଳକ କାର୍ଯ୍ୟ କରିଥିଲେ। ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ମହିଶରା ସରପଞ୍ଚ ସଫଳ ବେହେରା, ସମ୍ପାରୁ ସରପଞ୍ଚ ଶରତ ଚନ୍ଦ୍ର ରାଉତ, ସମାଜସେବୀ ଅଶୋକ ଚନ୍ଦ୍ର ରାଉତ, ଅଲେଖ ଚନ୍ଦ୍ର ନାୟକ, ସତ୍ୟାନନ୍ଦ ନାୟକ ଶୋକ ପ୍ରକାଶ କରିଛନ୍ତି।

## ୨୯ରୁ ସର୍ବଭାରତୀୟ ଡ୍ରପ୍ ରୋବଲ୍ ପ୍ରତିଯୋଗିତା
# ଯାଜପୁର ଦଳର ହରିୟାଣା ଯାତ୍ରା

**ଯାଜପୁରଟାଉନ, ୨୭।୩(ସମିସ):** ହରିୟାଣାର କୁରୁକ୍ଷେତ୍ରରେ ସର୍ବଭାରତୀୟ ଡ୍ରପ୍ ରୋବଲ୍ ପ୍ରତିଯୋଗିତା ଆସନ୍ତା ୨୯ରୁ ୩୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି। ଉକ୍ତ ପ୍ରତିଯୋଗିତାରେ ଯାଜପୁରର ୧୨ ଜଣ ପ୍ରତିଯୋଗୀ ଚୟନ ମନୋନୀତ ହୋଇ ଆଜି ହରିୟାଣା ଅଭିମୁଖେ ଯାତ୍ରା କରିଛନ୍ତି। ପୁରୀରେ ଅନୁଷ୍ଠିତ ଚୟନ ପ୍ରକ୍ରିୟାରେ ଭାଗ ନେଇ ଯାଜପୁରରୁ ସସ୍ମିତା ରଣା, ଭୁବନେଶ୍ୱରୀ ମିଶ୍ର, ବର୍ଷାରାଣୀ ସାମଲ, ସରିତା ଗୁଇ, ମୋନାଲିସା କୁଣ୍ଡୁ, ଶର୍ମିଷ୍ଠା ଦାସ, ରିନୁଲତା ସାହୁ, ରଶ୍ମୀରଞ୍ଜନ ରଣା, ତପନ ବେହେରା, ଚଣ୍ଡୀପ୍ରସାଦ ସେଠୀ, ପ୍ରଭଞ୍ଜନ ଜେନା ଓ ଶୁଭଦର୍ଶନ ରଣା ମନୋନୀତ ହୋଇଥିଲେ। ଏହି ଦଳର ସଦସ୍ୟଙ୍କୁ ଯାଜପୁରର ବିଧାୟକ ପ୍ରଣବ ପ୍ରକାଶ ଦାସ, ଭବପ୍ରସାଦ ଦାସ, ବିଚିତ୍ରପୁର ସରପଞ୍ଚ ଦେବାଶିଷ ପଣ୍ଡା(ଟୁଲୁ ନନା), ରଞ୍ଜନ ସୁତାର, ଜ୍ୟୋତିର୍ମୟ ନାଥଶର୍ମା, ଲୋକନାଥ ମହାପାତ୍ର, ଜିତେନ୍ଦ୍ର ମହାନ୍ତି, ସଂଜୀବ ଭଦ୍ର ଓ ପ୍ରଶିକ୍ଷକ ରିତେନ୍ଦ୍ର ବିଶ୍ୱାଳ ଶୁଭେଚ୍ଛା ଜଣାଇଛନ୍ତି।



## କୁସୁନପୁର ପାହାଡ଼ ପାଲଟିଛି ମାଫିଆଙ୍କ ଭୂସ୍ୱର୍ଗ
# ବଳରାମପୁର ସଂରକ୍ଷିତ ଜଙ୍ଗଲ ଏବେ ଅସୁରକ୍ଷିତ

**କବାଟବନ୍ଧ,୨୭।୩ (ସମିସ):** କଟକ ବନଖଣ୍ଡ ବୈରୀ ଡାଲିଯୋଡ଼ା ଫରେଷ୍ଟ ରେଞ୍ଜ ଅନ୍ତର୍ଗତ ଗଡ଼ମଧୁପୁର ରେଞ୍ଜ ଅଧୀନ ବଳରାମପୁର ସଂରକ୍ଷିତ ଜଙ୍ଗଲ କିସମ କୁସୁନପୁର ପାହାଡ଼ରୁ ବେଧଡକ ଭାବେ ଦୀର୍ଘ ବର୍ଷ ହେବ କଳାପଥର ଲୁଟ୍ ହେଉଥିବା ଅଭିଯୋଗ ହେଉଛି। ୫୩ ନମ୍ବର ଜାତୀୟ ରାଜପଥ ସଂଲଗ୍ନ ବାଘୁଆ ପାହାଡ଼ ଏବେ ସାମୟିକ ଭାବେ ବନ୍ଦ ରହିଛି। ବର୍ତ୍ତମାନ କୁସୁନପୁର ପାହାଡ଼ ଉପରେ ପଥର ମାଫିଆଙ୍କ ଦୃଷ୍ଟି ପଡ଼ିଛି। ଏହି ପାହାଡ଼ରୁ ମାଫିଆମାନେ ବେଧଡ଼କ ପଥର ଉତ୍ତୋଳନ କରୁଛନ୍ତି। ଫଳରେ ବଳରାମପୁର ସଂରକ୍ଷିତ ଜଙ୍ଗଲ ଏବେ ଅସୁରକ୍ଷିତ ହୋଇପଡ଼ିଛି। ଏହି ଜଙ୍ଗଲ ବୃକ୍ଷ ହୀନ ହେବାକୁ ବସିଲାଣି। ଏଥିପ୍ରତି ବନ ବିଭାଗ ଦୃଷ୍ଟି ଦେବାକୁ ଦାବି ହେଉଛି।

କୁସୁନପୁର ପାହାଡ଼ ସମ୍ପୂର୍ଣ୍ଣ ଭାବେ ସଂରକ୍ଷିତ ଜଙ୍ଗଲ ହୋଇଥିବାରୁ ବନ ବିଭାଗ ପକ୍ଷରୁ ଏହାକୁ ନିସିଦ୍ଧାଞ୍ଚଳ ଘୋଷଣା କରାଯାଇଛି। ଏହି ନିସିଦ୍ଧାଞ୍ଚଳରେ ସାଧାରଣ ଲୋକେ ଚାଲି ଚାଲି ଯିବା ମଧ ବେଆଇନ। ମାତ୍ର କଳାହୀରା କୁହାଯାଉଥିବା ମୂଲ୍ୟବାନ କଳାପଥରରେ ଭରପୁର ଥିବା ଏହି ଅଞ୍ଚଳରୁ ପଥର ମାଫିଆ ଦିନରାତି ଲୁଟ୍ କରି ଚାଲିଛନ୍ତି। ଏହି ଜଙ୍ଗଲ କିସମ କୁସୁନପୁର ପାହାଡ଼ରୁ ଦୀର୍ଘ ବର୍ଷ ହେବ କଳାପଥର ଲୁଟ ହେଉଥିବାରୁ ଏହାକୁ ନଜରରେ ରଖି ଏହାର ପାଦଦେଶରେ ଗଢ଼ି ଉଠିଛି ଅନେକ କ୍ରସର ଶିଳ୍ପ। ପଥର ମାଫିଆ ଏକଜୁଟ ହୋଇ ପାଳି କରି ବିଭିନ୍ନ ଛକରେ ଜଗି ରହୁଛନ୍ତି। ଏହି ପାହାଡ଼କୁ ଯିବାଆସିବାର ମୁଖ୍ୟ ରାସ୍ତା କୁସୁନପୁର ଛକ, ବାଘୁଆ ଛକ, ବାଲିସାହି ଛକ ଚଢ଼େଇଧରା ଆଦି ଛକରେ ରହି ବିଭାଗୀୟ ଅଧିକାରୀଙ୍କ ଗତିବିଧି ଉପରେ ନଜର ରଖିଥା'ନ୍ତି। ଫଳରେ ବନ ବିଭାଗ କର୍ମଚାରୀ କିମ୍ବା କୌଣସି ପ୍ରଶାସନିକ ଅଧିକାରୀ ଆସିଲେ ସେଠାରେ ଜଗି ରହିଥିବା ମାଫିଆ ସଙ୍ଗେ ସଙ୍ଗେ ସୂଚନା ଦେଇଥା'ନ୍ତି। ଆଗୁଆ ସୂଚନା ପାଇଯିବା ଫଳରେ ଖାଦାନ ଭିତରେ ଥିବା ଟ୍ରାକ୍ଟର, କମ୍ପ୍ରେସର, ଜେସିବି ମେସିନକୁ ବାହାରକୁ ନେବାକୁ ପଥର ମାଫିଆ ସକ୍ଷମ ହେଉଛନ୍ତି। ଏହାଦ୍ୱାରା ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଇବା ସହିତ ବହୁ ପରିମାଣର ଜଙ୍ଗଲ ନଷ୍ଟ ହେଉଛି। ଜଙ୍ଗଲ ବିଭାଗ ଦ୍ୱାରା ବନୀକରଣ ହେଉଥିବା ଗଛ ବି କଳା ପଥର ମାଫିଆଙ୍କ ପାଇଁ ଭୂମିରୁ ଉଠି ପାରୁନାହିଁ। ବନ ବିଭାଗ ପକ୍ଷରୁ ଚଢ଼ଉ କରାଯାଉଥିଲେ ବି ତାହା କେବଳ ଲୋକ ଦେଖାଣିଆ। ହଜାର ହଜାର ଟ୍ରିପ କଳାପଥର ଚୋରା ଚାଲାଣ ହେଉଥିବାବେଳେ କାଁଭାଁ ଟ୍ରାକ୍ଟର, କିମ୍ବା ମେସିନ ଜବତ ହେଉଥିବା ଦେଖିବାକୁ ମିଳୁଛି। ଯେଉଁମାନେ ଏଠାରେ ଦୀର୍ଘ ବର୍ଷ ଧରି ଖାଦାନ କରୁଛନ୍ତି ସେମାନେ ଖସି ଯାଉଛନ୍ତି। ଫଳରେ କଳାପଥର ମାଫିଆ ଏଠାରୁ କୋଟି କୋଟି ଟଙ୍କାର କଳାପଥର ଲୁଟ୍ କରିବାକୁ ସକ୍ଷମ ହେଉଛନ୍ତି। ଏ ନେଇ ବନ ବିଭାଗ କଡ଼ା ଆଭିମୁଖ୍ୟ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।



# ବିଜେଡିର ପ୍ରାର୍ଥୀ ଘୋଷଣା ପରେ ଜିଲ୍ଲାରେ ନିର୍ବାଚନୀ ବାତାବରଣ ସରଗରମ

## 'ମୁଖ୍ୟମନ୍ତ୍ରୀ ଓ ସଂଗଠନ ସମ୍ପାଦକଙ୍କ ଆଶା ପୂରଣ କରିବି'

**ଯାଜପୁର, ୨୭।୩ (ସମିସ)**

ଯାଜପୁର ବିଧାନସଭା କ୍ଷେତ୍ର ପାଇଁ ବିଜେଡି ବିଧାୟିକା ପ୍ରାର୍ଥିନୀ ଭାବେ ମିଶନଶକ୍ତିରେ କାର୍ଯ୍ୟରତ ଜଣେ ମହିଳାଙ୍କୁ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ମନୋନୀତ କରିଛନ୍ତି। ଦଶରଥପୁର ବ୍ଲକର ପୂର୍ବତନ ଅଧ୍ୟକ୍ଷା ତଥା ଜିଲ୍ଲା ମିଶନଶକ୍ତି ସଭାପତି ସୁଜାତା ସାହୁଙ୍କୁ ବିଜେଡି ବିଧାୟିକା ପ୍ରାର୍ଥିନୀ ଭାବେ ମନୋନିତ କରାଯାଇଛି। ଯାଜପୁର ବିଧାନସଭା ଗଠନ ପରଠାରୁ ଏଯାବତ୍ ଯାଜପୁରର ଜଣେ ମହିଳା ବିଧାନସଭାକୁ ନିର୍ବାଚିତ ହୋଇନାହାନ୍ତି। ଯାଜପୁର ବିଧାନସଭା କ୍ଷେତ୍ରରେ ହ୍ୟାଟ୍ରିକ୍ ବିଜୟ ଲାଭ କରିଥିବା ବିଜେଡିର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ସମ୍ବଲପୁର ସଂସଦୀୟ କ୍ଷେତ୍ର ପାଇଁ ବିଜେଡି ପ୍ରାର୍ଥୀ ଭାବେ ମନୋନୀତ ହୋଇଥିବାବେଳେ ବିଜେଡି ସୁପ୍ରିମୋଙ୍କୁ ଶ୍ରୀମତୀ ସାହୁଙ୍କ ନାମକୁ ସୁପାରିଶ କରିଛନ୍ତି। ମହିଳା ସଶକ୍ତିକରଣ ନିମନ୍ତେ ଦୀର୍ଘ ୧୫ ବର୍ଷ ତଳୁ ଯାଜପୁର ବିଧାନସଭା କ୍ଷେତ୍ରରେ ବିଧାୟକ ଶ୍ରୀ ଦାସ ନିରନ୍ତର ଉଦ୍ୟମ ଜାରି ରଖିଛନ୍ତି। ତ୍ରିସ୍ତରୀୟ ପଞ୍ଚାୟତିରାଜ ହେଉ କିମ୍ବା ପୌର ନିର୍ବାଚନ ହେଉ ବିଧାୟକ ଶ୍ରୀ ଦାସ ସର୍ବଦା ୬୦ ପ୍ରତିଶତ ଅଧିକ ଆସନରେ ମହିଳାଙ୍କୁ ପ୍ରାର୍ଥୀ କରାଇବାରେ ସଫଳ ହୋଇଛନ୍ତି।

୨୦୨୨ ପୌର ନିର୍ବାଚନରେ ଯାଜପୁର ପୌରାଧ୍ୟକ୍ଷା ଭାବେ ଜଣେ ସାଧରଣ ମହିଳା ତଥା ମିଶନଶକ୍ତିରେ କାର୍ଯ୍ୟରତ ଶ୍ରୀମତୀ ରଞ୍ଜୁଲତା ହୋତାଙ୍କୁ ପ୍ରାର୍ଥିନୀ କରି



ବିଜୟଲାଭ କରାଇଥିଲେ। ଚଳିତ ସାଧାରଣ ନିର୍ବାଚନରେ ପ୍ରାର୍ଥିନୀ ହୋଇଥିବା ଶ୍ରୀମତୀ ସୁଜାତା ସାହୁ ଯାଜପୁର ବ୍ଲକର ଝିଅ ହୋଇଥିବାବେଳେ ଦଶରଥପୁର ବ୍ଲକର ବୋହୂ ହୋଇ ୨୦୧୭-୨୦୨୨ ପର୍ଯ୍ୟନ୍ତ ଦଶରଥପୁର ବ୍ଲକର ଅଧ୍ୟକ୍ଷା ଭାବେ କାର୍ଯ୍ୟରତ ଥିଲେ। ଶ୍ରୀମତୀ ସାହୁ ବର୍ତ୍ତମାନ ମହିଳା ସ୍ୱୟଂସହାୟକ ଗୋଷ୍ଠୀର ଜିଲ୍ଲାସ୍ତରୀୟ କମିଟି ତଥା ଡିଏଲଏଫର ଅଧ୍ୟକ୍ଷା ଦାୟିତ୍ୱ ତୁଲାଉଛନ୍ତି। ମୁଖ୍ୟମନ୍ତ୍ରୀ ଏଭଳି ଜଣେ ସାଧାରଣ ମହିଳାଙ୍କୁ ବିଧାୟିକା ପ୍ରାର୍ଥିନୀ ଭାବେ ମନୋନୀତ କରିଥିବାରୁ ଯାଜପୁର ନିର୍ବାଚନ ମଣ୍ଡଳୀର ବିଜେଡି କର୍ମୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହିତ ପ୍ରଣବ ପ୍ରକାଶ ଦାସଙ୍କ ତ୍ୟାଗକୁ ପ୍ରଶଂସା କରିଛନ୍ତି। ବୁଧବାର ଦିନ ପ୍ରାର୍ଥିନୀ ସୁଜାତା ସାହୁ ବିଧାୟକଙ୍କ ବାସଭବନରେ ପହଞ୍ଚି ସେଠାରେ ଉପସ୍ଥିତ ଥିବା କର୍ମୀଙ୍କୁ ଯାଜପୁର ବିଧାୟକଙ୍କ କାର୍ଯ୍ୟକୁ ପ୍ରଶଂସା କରିବା ସହ ଆନନ୍ଦରେ ଲୁହ ଝରାଇଥିଲେ। ସେଠାରେ ଉପସ୍ଥିତ ଥିବା ବିଜେଡି କର୍ମୀ ଆଗାମୀ ନିର୍ବାଚନରେ ଶ୍ରୀମତୀ ସାହୁଙ୍କୁ ବହୁ ଭୋଟ୍ ବ୍ୟବଧାନରେ ବିଜୟ କରାଇବେ ବୋଲି ଶପଥ ଗ୍ରହଣ କରିଥିଲେ। ପରେ ଶ୍ରୀମତୀ ସାହୁ ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କୁ ଦର୍ଶନ କରିଥିଲେ। ଏହି ସମୟରେ ଯାଜପୁର ବିଧାୟକଙ୍କ ପ୍ରତିନିଧି ଭବପ୍ରସାଦ ଦାସ, ଯାଜପୁର ପୌରପାଳିକା ଅଧ୍ୟକ୍ଷା ରଞ୍ଜୁଲତା ହୋତା, ଉପାଧ୍ୟକ୍ଷ ସନ୍ତୋଷ ମଲ୍ଲିକଙ୍କ ସମେତ ବହୁ ବିଜେଡି କର୍ମୀ ଓ ନେତା ଉପସ୍ଥିତ ଥିଲେ।

## ସୁଜାତାଙ୍କ ପାଇଁ ଦଶରଥପୁର ବିଜେଡିରେ ଖୁସିର ମାହୋଲ

**ଦଶରଥପୁର, ୨୭।୩ (ସମିସ):** ଯାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ବିଜେଡି ପ୍ରାର୍ଥିନୀ ଭାବେ ଦଶରଥପୁର ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷା ତଥା ଦଶରଥପୁର ବ୍ଲକ ଅଧୀନ ତଳିହା ପଞ୍ଚାୟତ ଦେଉଳବାଡ଼ ଗ୍ରାମର ଗୋବିନ୍ଦ ସାହୁଙ୍କ ସହଧର୍ମିଣୀ ସୁଜାତା ସାହୁଙ୍କ ନାମ ଘୋଷଣା କରାଯାଇଛି। ଶାଶୂଘର ଦେଉଳବାଡ ଗାଁରେ ଥିବା ମା' ସରସ୍ୱତୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ଜଣେ ସଦସ୍ୟ ଭାବେ କାର୍ଯ୍ୟ କରିଥିବା ଶ୍ରୀମତୀ ସାହୁ ୨୦୧୭ ମାର୍ଚ୍ଚ ୧୧ ତାରିଖରେ ଦଶରଥପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ୫ ବର୍ଷ ସଫଳ ରୂପେ ଅଧ୍ୟକ୍ଷା ଦାୟିତ୍ୱ ନିର୍ବାହ କରିଥିବା ଶ୍ରୀମତୀ ସାହୁ ୨୦୨୨ରେ ଜିଲ୍ଲା ମହିଳା ଫେଡ଼େରେସନର ସଭାନେତ୍ରୀ ଦାୟିତ୍ୱ ଗ୍ରହଣ କରିଥିଲେ। ଆଜି ବିଧାନସଭା ନିର୍ବାଚନ ପାଇଁ ତାଙ୍କ ନାମ ଘୋଷଣା ହେବା ପରେ ଯାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧୀନ ଦଶରଥପୁର ବ୍ଲକ ଅନ୍ତର୍ଗତ ୨୦ଟି ପଞ୍ଚାୟତ ବିଜେଡ଼ି ସମର୍ଥକଙ୍କ ମଧ୍ୟରେ ଖୁସିର ମାହୋଲ ଦେଖିବାକୁ ମିଳିଛି। ତାଙ୍କୁ ପ୍ରାର୍ଥିନୀ



ଭାବେ ବିଜେଡ଼ି ମନୋନୀତ କରିବା ପରେ ବରିଷ୍ଠ ବିଜେଡ଼ି ନେତା କର୍ଣ୍ଣାଟକେଶରୀ ଦାସ, ଜିଲ୍ଲା ବିଜେଡ଼ି ସଭାପତି ସରୋଜ ମହାପାତ୍ର, ପୂର୍ବତନ ପୌରପାଳ ଭବପ୍ରସାଦ ଦାସ, ଦଶରଥପୁର ବ୍ଲକ ଅଧ୍ୟକ୍ଷ ଦିଗମ୍ବର ମଲ୍ଲିକ, ଜିଲ୍ଲା ପରିଷଦ ସଭ୍ୟ ପାର୍ଥସାରଥୀ ମହାପାତ୍ର, ମନସ୍ୱିନୀ ଦାସ, ମାମିନା ମଲ୍ଲିକ, ବିଜେଡି ନେତା ମୁକ୍ତିକାନ୍ତ ପଣ୍ଡା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଆଦିକନ୍ଦ ସନ୍ଧିବିଗ୍ରହ, ସରପଞ୍ଚ କୁଞ୍ଜବିହାରୀ ଦାସ, ବିଜୟଲକ୍ଷ୍ମୀ ଶତପଥୀ, ଭାରତୀ ନାୟକ, ନିରାକାର ସାହୁ, କାଞ୍ଚନବାଳା ପରିଡ଼ା, ସନ୍ତୋଷ ରାୟଙ୍କ ସମେତ ବିଜେଡିର ବହୁ ବରିଷ୍ଠ କାର୍ଯ୍ୟକର୍ତ୍ତା ତାଙ୍କୁ ଶୁଭେଚ୍ଛା ଜଣାଇଥିବାବେଳେ ତାଙ୍କୁ ପ୍ରାର୍ଥିନୀ ଭାବେ ମନୋନୀତ କରାଯାଇଥିବାରୁ ଶ୍ରୀମତୀ ସାହୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ରାଜ୍ୟ ସାଂଗଠନିକ ସମ୍ପାଦକ ତଥା ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ସମେତ ନିର୍ବାଚନ ମଣ୍ଡଳୀର ମହିଳାଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଅଷ୍ଟମଥର ବିଞ୍ଝାରପୁରରୁ ଲଢ଼ିବେ ପ୍ରମିଳା

**ପ୍ରୀତିପୁର, ୨୭।୩ (ସମିସ):** ଆଜି ନବୀନ ପଟ୍ଟନାୟକ ବିଞ୍ଝାରପୁର ସଂରକ୍ଷିତ ବିଜେଡିର ବରିଷ୍ଠ ନେତ୍ରୀ ପ୍ରମିଳା ମଲ୍ଲିକଙ୍କ ବିଞ୍ଝାରପୁରରେ ପ୍ରମିଳାଙ୍କ ସମର୍ଥକ ଓ ବିଜେଡି ମିଳିଛି। ସାଧାରଣ ଗରିବ ପରିବାରରୁ ଛାତ୍ର ପ୍ରମିଳା ମଲ୍ଲିକ ୧୯୯୦ରେ ଜନତା ବିଧାୟିକା ଭାବେ ପ୍ରଥମେ ନିର୍ବାଚନ ଲଢି ସୁପ୍ରିମୋ ନବୀନ ପଟ୍ଟନାୟକ ଓ ବିଜେଡି ଜଣାଇବା ସହିତ ବିଞ୍ଝାରପୁର ନିର୍ବାଚନ ସେବା କରିବାର ସୁଯୋଗ ଦେଇ ଅଜସ୍ର ମୁଁ ସର୍ବଦା ଋଣି ବୋଲି ମତ ପ୍ରକାଶ କରିଛନ୍ତି। ବିଧାନସଭା ନିର୍ବାଚନ ଲଢିବେ। ବିଜେଡି ପ୍ରମିଳା ମଲ୍ଲିକଙ୍କ ନାମ ଘୋଷଣା ହେବା



ବିଜେଡି ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ବିଧାନସଭା ଆସନ ପାଇଁ ପୁଣିଥରେ ନାମ ଘୋଷଣା କରିଛନ୍ତି। ଯାହାକୁ ନେଇ କର୍ମୀ ମହଲରେ ବେଶ ଉତ୍ସାହ ଦେଖିବାକୁ ଜୀବନରୁ ରାଜନୀତିରେ ପାଦ ଦେଇଥିବା ଦଳରୁ ବିଞ୍ଝାରପୁର ବିଧାନସଭା ଆସନରୁ ବିଜୟ ମୁକୁଟ ପିନ୍ଧିଥିଲେ। ପ୍ରମିଳା ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନଙ୍କୁ କୃତଜ୍ଞତା ମଣ୍ଡଳୀର ଜନସାଧାରଣ ତାଙ୍କୁ ବାରମ୍ବାର ଭଲପାଇବା ଦେଇଥିବାରୁ ତାଙ୍କ ନିକଟରେ ଚଳିତ ଥରକୁ ଲଗାଇ ପ୍ରମିଳା ୮ମ ଥର ପାଇଁ ପକ୍ଷରୁ ବିଞ୍ଝାରପୁର ବିଧାନସଭା ଆସନ ପାଇଁ ପରେ ବିଞ୍ଝାରପୁର ବ୍ଲକ ବିଜେଡି ସଭାପତି ନନ୍ଦ କିଶୋର ସାମଲ, ବ୍ଲକ ଅଧ୍ୟକ୍ଷା ରଞ୍ଜିତା ଦାସ, ସମାଜସେବୀ କୈଳାସ ସେଠୀ, ଯୁବ ବିଜେଡି ସଭାପତି ଦିଲ୍ଲୀପ ରାଉଳ, ଛାତ୍ର ବିଜେଡି ସଭାପତି ଲେନିନ୍ ଦାସ, ମହିଳା ବିଜେଡି ସଭାନେତ୍ରୀ ତଥା ଜିଲ୍ଲା ପରିଷଦ ସଭ୍ୟା ଅହଲ୍ୟା ସ୍ୱାଇଁ, ସୁନୀତା ନାୟକ, ଖଗେଶ୍ୱର ମହାନ୍ତି, ଇଂ ଲାଏକ ଅଲି ଖାଁ, ଇଂ ସୁଶାନ୍ତ ମିଶ୍ର ପ୍ରମୁଖ ବିଜେଡି ବିଧାୟିକା ପ୍ରାର୍ଥୀ ପ୍ରମିଳା ମଲ୍ଲିକଙ୍କୁ ଶୁଭେଚ୍ଛା ଜଣାଇବା ସହ ବିଞ୍ଝାରପୁରବାସୀଙ୍କ ଆଶା ଓ ବିଶ୍ୱାସର ପ୍ରତୀକ ପ୍ରମିଳା ମଲ୍ଲିକଙ୍କୁ ପ୍ରାର୍ଥୀ କରିଥିବାରୁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଓ ବରିଷ୍ଠ ନେତୃମଣ୍ଡଳୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ପ୍ରୀତିରଞ୍ଜନଙ୍କ ନାମ ଘୋଷଣା ପରେ କର୍ମୀ ମହଲରେ ଖୁସିର ଲହରୀ

**ସୁକିନ୍ଦା, ୨୭।୩(ସମିସ):** ଆସନ୍ତା ବିଧାନସଭା ନିର୍ବାଚନ ପାଇଁ ବିଜୁ ଜନତା ଦଳ ସୁପ୍ରିମୋ ନବୀନ ପଟ୍ଟନାୟକ ପ୍ରୀତିରଞ୍ଜନ ଘଡ଼ାଇଙ୍କ ନାମ ଘୋଷଣା କରିବା ପରେ ସୁକିନ୍ଦା



ବିଜେଡିରେ ଖୁସିର ଲହରୀ ଖେଳିଯାଇଛି। ପ୍ରୀତିରଞ୍ଜନ ଘଡ଼ାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇବା ସହ ଦଳ ତାଙ୍କ ଉପରେ ଭରସା ରଖି ପୁଣିଥରେ ଜନସାଧାରଣ ସେବା କରିବାର ସୁଯୋଗ ଦେଇଥିବାରୁ କୃତଜ୍ଞତା ଜଣାଇଛନ୍ତି। ଗତ ୧୯୯୦ ପରଠାରୁ ଆଜି ପର୍ଯ୍ୟନ୍ତ ସୁକିନ୍ଦା ବିଧାନସଭା ଆସନ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଘଡ଼ାଇ ଓ ପରେ ପୁତ୍ର ପ୍ରୀତିରଞ୍ଜନ ଘଡ଼ାଇଙ୍କ ନିୟନ୍ତ୍ରଣରେ ରହିଛି। ଏହି ସ୍ଥିତି ବଜାୟ ରଖିବା ପାଇଁ ଉଭୟ ସିନିୟର ଓ ଜୁନିୟର ଘଡ଼ାଇ ସଦାସର୍ବଦା ନିଜର ପ୍ରୟାସ ଜାରି ରଖିଥିବା ଦେଖିବାକୁ ମିଳିଛି। ବୁଧବାର ଦିନ ବିଧିବଦ୍ଧ ଭାବେ ଦଳ ପକ୍ଷରୁ ପ୍ରଥମ ପର୍ଯ୍ୟାୟ ନାମ ଘୋଷଣା ପରେ ସୁକିନ୍ଦା ନିର୍ବାଚନ ମଣ୍ଡଳୀର ସୁକିନ୍ଦା ଓ ଦାନଗଦି ବ୍ଲକର ବିଭିନ୍ନ ସ୍ଥାନରେ ଦଳୀୟ କର୍ମୀ ଖୁସି ମନାଉଥିବା ଦେଖିବାକୁ ମିଳିଛି।

## ବିଧାୟକଙ୍କୁ ଟିକଟ ମିଳିବା ପରେ କର୍ମୀଙ୍କ ମଧ୍ୟରେ ଉତ୍ସାହ



**କବାଟବନ୍ଧ, ୨୭।୩ (ସମିସ):** ଆଗାମୀ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଆଜି ବିଜୁ ଜନତା ଦଳ ପକ୍ଷରୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ତାଲିକା ଘୋଷଣା କରିଛନ୍ତି। ଏହି କ୍ରମରେ ଧର୍ମଶାଳା ନିର୍ବାଚନ ମଣ୍ଡଳୀ ପାଇଁ ପୁନର୍ବାର ପ୍ରଣବ ବଳବନ୍ତରାୟଙ୍କ ନାମ ବିଧାୟକ ପ୍ରାର୍ଥୀ ଭାବେ ଘୋଷଣା କରାଯାଇଛି। ଏ ନେଇ ଦଳୀୟ କର୍ମୀ ଉତ୍ସବ ପାଳନ କରିଛନ୍ତି। ଧର୍ମଶାଳାର ଯୁବ ବିଜେଡି ସଭାପତି କ୍ଷିତୀଶ ନାୟକଙ୍କ ନେତୃତ୍ୱରେ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୧୧ ନମ୍ବର ଜୋନ୍‌ର ରାଇଛନ୍ଦା ପଞ୍ଚାୟତ ଅଧୀନ ବାରକଣା ଖେଳ ପଡ଼ିଆରେ ଶହ ଶହ କର୍ମୀ ଏକାଠି ହୋଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଅର୍ପଣ କରିବା ସହିତ ପରସ୍ପର ସହିତ ଅବିର ରଙ୍ଗ ଖେଳି ଦଳକୁ ମଜବୁତ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଏଠାରୁ ଏକ ବାଇକ ଶୋଭାଯାତ୍ରାରେ ବାହାରି ୧୨ ନମ୍ବର ଜୋନ ହୋଇ ଦଳୀୟ କାର୍ଯ୍ୟାଳୟରେ ପହଞ୍ଚି ଥିଲେ।

## ଫେବ୍ରିକେସନ ଦୋକାନରୁ ଲୁହାଗ୍ରିଲ ଚୋରି

**ସୁକିନ୍ଦା, ୨୭।୩(ସମିସ):** ମଙ୍ଗଳବାର ବିଳମ୍ବିତ ରାତିରେ ସୁକିନ୍ଦା ଛକ ନିକଟରେ ଥିବା ଏକ ଫେବ୍ରିକେସନ ଦୋକାନରୁ ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ଲୁହାଗ୍ରିଲ ଚୋରି ହୋଇଥିବା ଅଭିଯୋଗ ହୋଇଛି। ୫୩ନଂ ଜାତୀୟ ରାଜପଥ ସୁକିନ୍ଦା-ଡୁବୁରୀ ରାସ୍ତାର ସୁକିନ୍ଦା ଛକ ନିକଟରେ ଥିବା ଖାନ୍ ଫେବ୍ରିକେସନ ଦୋକାନରେ ନୂତନ ଭାବେ ପ୍ରସ୍ତୁତ ହୋଇଥିବା ଲକ୍ଷାଧିକ ଟଙ୍କାର ଗ୍ରିଲ୍ ଗେଟ୍‌କୁ କେହି ଚୋରି କରିନେଇଥିବା ସଂସ୍ଥାର ମାଲିକ ସାଜିତ୍ ଖାନ ବୁଧବାର ଦିନ ସୁକିନ୍ଦା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଖବର ପାଇ ଥାନା ଅଧିକାରୀ ବାମଦେବ ନନ୍ଦ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ସ୍ଥାନୀୟ ଅଞ୍ଚଳରେ କିଛି ଲୁଟେରା ରାସ୍ତା କଡ଼ରୁ ବିଭିନ୍ନ ଲୁହା ବୋର୍ଡ ଓ ବିଭିନ୍ନ ସାମଗ୍ରୀ ଲୁଟ୍ କରି ନେଉଥିବା ଅଭିଯୋଗ ହୋଇଛି।

## ଚମଡ଼ା ବୋଝେଇ ଟ୍ରକ୍ ଜବତ

**ଧର୍ମଶାଳା, ୨୭।୩(ସମିସ):** ଧର୍ମଶାଳା ଥାନା ଅନ୍ତର୍ଗତ ନେଉଳପୁର ପଞ୍ଚାୟତର ନେଉଳପୁର ଗ୍ରାମରୁ ଏକ ଗୋରୁ ଚମଡ଼ା ବୋଝେଇ ଟ୍ରକ୍ ଜବତ କରିଛି ଧର୍ମଶାଳା ପୁଲିସ। ନେଉଳପୁର ଗ୍ରାମରେ ଦୀର୍ଘଦିନ ହେବ କଂସେଇ ଖାନା ଚାଲିଥିବାବେଳେ ଏଠାରୁ ଗୋ ମାଂସ, ଚମଡ଼ା, ହାଡ଼ ଇତ୍ୟାଦି ବାହାର ରାଜ୍ୟକୁ ପଠାଯାଇଥାଏ। ଏକ ଟ୍ରକ ନେଉଳପୁର ଗ୍ରାମରୁ ଚମଡ଼ା ବୋଝେଇ କରି ସୋମବାର ସନ୍ଧ୍ୟାରେ ଯିବା ସମୟରେ ଖବର ପାଇ ଧର୍ମଶାଳା ପୁଲିସ ଟ୍ରକ୍‌କୁ ଜବତ କରିଛି। ମଙ୍ଗଳବାର ଦିନ ଚମଡ଼ାର ନମୁନା ସଂଗ୍ରହ କରାଯାଇଥିବାବେଳେ ବୁଧବାର ଏହି ଚମଡ଼ାକୁ ପୋତାଯାଇଛି। ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିବାବେଳେ କାହାକୁ ଗିରଫ କରାଯାଇ ନ ଥିବା ଧର୍ମଶାଳା ଥାନା ଅଧିକାରୀ ତପନ କୁମାର ନାୟକ ସୂଚନା ଦେଇଛନ୍ତି।

## ରଙ୍ଗଖେଳାକୁ ନେଇ ଗଣ୍ଡଗୋଳ; ଏସ୍‌ପିଙ୍କୁ ଅଭିଯୋଗ କଲେ ମହିଳା

**ପାଣିକୋଇଲି, ୨୭।୩ (ସମିସ):** ହୋଲିରେ ରଙ୍ଗ ଖେଳାକୁ ନେଇ ଗଣ୍ଡଗୋଳ ଓ ଜାତିଆଣ ଆକ୍ଷେପ ନେଇ କୁଆଖିଆ ଥାନାରେ ଅଭିଯୋଗ ହେବା ପରେ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ଅଭିଯୋଗକାରୀ ବୁଧବାର ଦିନ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଛନ୍ତି। ପାଣିକୋଇଲି ଥାନା ଅନ୍ତର୍ଗତ ପ୍ରଥମାଖଣ୍ଡି ସଡ଼ମ୍ବା ଗ୍ରାମର ଧର୍ମେନ୍ଦ୍ର ମଲିକଙ୍କ ପତ୍ନୀ ଲିପିଙ୍କ ଅଭିଯୋଗ ଅନୁସାରେ ଗତ ମଙ୍ଗଳବାର ଦିନ ସେହି ଗ୍ରାମର ବିଲ ପଲେଇ, ଅନ୍ତରା ପଲେଇ, ହରି ପଲେଇ, ସୁମନ ପଲେଇ, ପିଣ୍ଟୁ ପଲେଇ, ବାପି ପଲେଇ ପ୍ରମୁଖ ଲିପିଙ୍କ ଦିଅର ପ୍ରକାଶଙ୍କ ଉପରେ ଅବିର ପକାଇଥିଲେ। ପ୍ରକାଶ ସେମାନଙ୍କ ଉପରେ ରଙ୍ଗ ପକାଇବାରୁ ସେମାନେ ପ୍ରକାଶଙ୍କୁ ତଳେ ପକାଇ ମାଡ଼ ମାରିବା ସହିତ ଜାତିଆଣ ମନ୍ତବ୍ୟ ଦେଇଥିଲେ। ପ୍ରକାଶଙ୍କୁ ମାଡ଼ ମାରୁଥିବା ଦେଖି ଲିପି ବାରଣ କରିବାରୁ ସେମାନେ ଲିପିଙ୍କୁ ମଧ୍ୟ ଜାତିଆଣ ମନ୍ତବ୍ୟ ଦେଇ ଗାଳି କରିବା ସହିତ ଥାନାରେ ଅଭିଯୋଗ କଲେ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ। ଲିପି ଓ ତାଙ୍କ ଶାଶୂ ଘର ଲୋକେ କୁଆଖିଆ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଅଭିଯୋଗକୁ ରଖି ଚୁପ ହୋଇ ବସିଯାଇଛି। ଫଳରେ ଲିପି ଓ ତାଙ୍କ ଶାଶୂଘର ଲୋକ ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟି ନ୍ୟାୟ ଭିକ୍ଷା କରିଛନ୍ତି।

## ବାଛଳରେ ଚେତନା ଗାୟତ୍ରୀ ବିଶ୍ୱଶାନ୍ତି ମହାଯଜ୍ଞ

**ସିଂହପୁର, ୨୭।୩(ସମିସ):** ବିଂଝାରପୁର ବ୍ଲକ ଅନ୍ତର୍ଗତ ବାଛଳ ଛକ ନିକଟ ଗାୟତ୍ରୀ ଯଜ୍ଞ ପଡ଼ିଆରେ ୩୯ତମ ଚେତନା ଗାୟତ୍ରୀ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଛି। ଅସୁରଳି ଶକ୍ତି ପୀଠ ପଣ୍ଡିତଙ୍କ ଦ୍ୱାରା ଯଜ୍ଞରେ ଆହୂତି ପ୍ରଦାନ କରାଯାଇଛି। ଦୋଳ ପୂର୍ଣ୍ଣମୀ ଦିନ ପୂର୍ଣ୍ଣାହୁତି ହୋଇଥିଲା। ଦୁଇଦିନ ଧରି ବିଶିଷ୍ଟ ପ୍ରବଚିକା କଳ୍ପନା ତ୍ରିପାଠୀ ପ୍ରବଚନ ପ୍ରଦାନ କରିଥିଲେ। ଶତାଧିକ ଶ୍ରଦ୍ଧାଳୁ ଯଜ୍ଞ ଓ ପ୍ରବଚନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ଉତ୍ସବରେ ବାଚସ୍ପତି ପ୍ରମିଳା ମଲ୍ଲିକ, ବିଜେପି ନେତ୍ରୀ ବବିତା ମଲ୍ଲିକ, କଂଗ୍ରେସ ନେତ୍ରୀ ବନିତା ଦାସ ପ୍ରମୁଖ ଯୋଗଦେଇ ମା'ଙ୍କ କୃପା ଲାଭ କରିଥିଲେ। ଯଜ୍ଞକୁ ବାଛଳ, ଗୋଡ଼ିଡ଼ିହ, ହରସିଂହପୁର ଗ୍ରାମର ଗାୟତ୍ରୀ ପରିବାର ସଦସ୍ୟ ପରିଚାଳନା କରିଥିଲେ।

## ଗାଈ ସହ ଟାଟା ଏସି ଧକ୍କା, ଚାଳକ ଆହତ

**ପାଣିକୋଇଲି, ୨୭।୩ (ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ସର୍ଭିସ ରୋଡ୍‌ରେ ଯାଜପୁରରୋଡ୍‌ରୁ ପାଣିକୋଇଲି ଆଡ଼କୁ ଆସୁଥିବା ଏକ ଯାତ୍ରୀବାହୀ ଟାଟା ଏସି ଗାଡ଼ି ଆଗକୁ ଏକ ଗାଈ ଚାଲି ଆସିବାରୁ ଧକ୍କା ହୋଇଥିଲା। ଫଳରେ ଗାଡ଼ିର ଚାଳକ ଯାଜପୁରରୋଡ୍ ଥାନା ଅନ୍ତର୍ଗତ ପଦ୍ମପୁର ଗ୍ରାମର ତାରା ଶଙ୍କର ପାଣିଗ୍ରାହୀଙ୍କ ପୁଅ ଅଭିଷେକ ଆହତ ହୋଇଥିଲେ। ରାଜପଥ ପାଟ୍ରୋଲିଂ ଅଧିକାରୀ ଅଶୋକ ବଳ ଘଟଣାସ୍ଥଳରେ ପହଞ୍ଚି ଚାଳକକୁ ଡାକ୍ତରଖାନା ପଠାଇବା ସହିତ ପଶୁ ଡାକ୍ତରଙ୍କୁ ଡକାଇ ଗାଈକୁ ଚିକିତ୍ସା କରିଥିଲେ।

## ଦୁର୍ଘଟଣାରେ ଜଣେ ମୃତ, ଦୁଇ ଗୁରୁତର

**ଧର୍ମଶାଳା, ୨୭।୩(ସମିସ):** ଧର୍ମଶାଳା ଥାନା ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥର ଧର୍ମଶାଳା ଭବନ ସମ୍ମୁଖରେ ଦୁଇଟି ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଦୁଇ ଜଣ ଗୁରୁତର ଆହତ ହୋଇଛନ୍ତି। ବୁଧବାର ସକାଳ ୧୧ଟା ସମୟରେ ଚୋରମୁହାଁ ପଞ୍ଚାୟତ ବାଲିଗରୀ ଗ୍ରାମର ବଟକୃଷ୍ଣ ଦାସଙ୍କ ପୁଅ ଅଭିମନ୍ୟୁ ଦାସ (୩୪) ଓ ଏକନ ପରିଡ଼ାଙ୍କ ପୁଅ ନକୁଳ ପରିଡ଼ା (୪୨) ବାଇକ୍ ଯୋଗେ ଚଣ୍ଡିଖୋଲରୁ ନେଉଳପୁର ଆସୁଥିବା ସମୟରେ ଭଦ୍ରକରୁ କଟକ ଯାଉଥିବା ଜଣେ ବାଇକ୍ ଆରୋହୀ (ଯାହାଙ୍କ ପରିଚୟ ମିଳିପାରିନାହିଁ)ଙ୍କ ସହ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ଅଭିମନ୍ୟୁଙ୍କ ମୃତ୍ୟୁ ଘଟିଥିବାବେଳେ ଅପରିଚିତ ବାଇକ୍ ଆରୋହୀ ଓ ନକୁଳଙ୍କୁ ଗୁରୁତର ଅବସ୍ଥାରେ ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ସ୍ଥାନାନ୍ତରିତ କରାଯାଇଛି। ଧର୍ମଶାଳା ପୁଲିସ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଚଳାଇଛି।

## ମହିଳା ନିଖୋଜ ଅଭିଯୋଗ

**ପାଣିକୋଇଲି, ୨୭।୩(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ବଡ଼ବିରୁହାଁ ପଞ୍ଚାୟତ ଅନ୍ତର୍ଗତ ପଶ୍ଚିମ ସାହିରେ ଜଣେ ମହିଳା ନିଖୋଜ ଥିବା ନେଇ ଉକ୍ତ ମହିଳାଙ୍କ ଶଶୁର ପାଣିକୋଇଲି ଥାନାରେ ଅଭିଯୋଗ କରିଛନ୍ତି। ଉକ୍ତ ଗ୍ରାମର ଜଟାଧାରୀ ପଲେଇଙ୍କ ସାନପୁଅ ଶଶୀକାନ୍ତ ବାହାର ରାଜ୍ୟରେ ରହି କାର୍ଯ୍ୟ କରୁଛନ୍ତି। ମଙ୍ଗଳବାର ରାତିରେ ତାଙ୍କର ପତ୍ନୀ ଘରେ କାହାରିକୁ କିଛି ନ ଜଣାଇ ଘରୁ କୁଆଡ଼େ ଚାଲି ଯାଇଛନ୍ତି। ଏ ନେଇ ଜଟାଧାରୀ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରିବା ସହିତ ତଦନ୍ତ ଚଳାଇଛି।

### ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ସତ୍ତ୍ୱେ ମିଳୁନି ପୁଲିସ ସହାୟତା

# ଘରୁ ବାହାରି ପାରୁନାହାନ୍ତି ଗୋଟିଏ ପରିବାର

**ବିଞ୍ଝାରପୁର, ୨୭।୩(ସମିସ)**

ବିଞ୍ଝାରପୁର ଥାନା ତଥା ବରୀ ବ୍ଲକର ଅଙ୍ଗାଳୋ ପଞ୍ଚାୟତ ଅନ୍ତର୍ଗତ ବୋଇତାଳୁପାଟଣା ଗ୍ରାମର ଜଣେ ବ୍ୟକ୍ତି ଏକ ବିବାଦୀୟ ଜମିରେ ମାଟି ଗଦା କରିଥିବାରୁ ଗୋଟିଏ ପରିବାରର ଲୋକେ ବାହାରକୁ ବାହାରି ପାରୁ ନ ଥିବା ନେଇ ଥାନାଠାରୁ କୋର୍ଟ ପର୍ଯ୍ୟନ୍ତ ଦୌଡ଼ି ଦୌଡ଼ି ନୟାନ୍ତ ହୋଇଥିବା ଜଣାଯାଇଛି। ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ସତ୍ତ୍ୱେ ପୁଲିସ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥବାରୁ ଉକ୍ତ ପରିବାର ଘର ମଧ୍ୟରେ ବନ୍ଦୀ ଜୀବନ ବିତାଉଥିବା ଅଭିଯୋଗ ହୋଇଛି।

ସୂଚନା ମୁତାବକ, ବୋଇତାଳୁପାଟଣା ଗ୍ରାମର ପ୍ଲଟ ନଂ ୩୩୩୭ ଖାତା ୨୮୫କୁ ୧୯୬୫ରେ ଉତ୍ତମ ସାମଲଙ୍କ ଦ୍ୱାରା ବିକ୍ରି କରାଯାଇଥିଲା। ଏହାର କ୍ରେତା କୃତ୍ତିବାସ ସାମଲ, ସାଧୁଚରଣ ସାମଲ ଓ ଆଦିକନ୍ଦ ସାମଲ ଥିଲେ। ଏହି ଜମିକୁ ପୁନର୍ବାର ଶ୍ରୀରାମଚନ୍ଦ୍ର ସାମଲ ୧୯୭୫ରେ ଯଦୁନାଥ ସାମଲଙ୍କୁ ବିକ୍ରି କରିଥିଲେ। ପରବର୍ତ୍ତୀ ସମୟରେ ଯଦୁନାଥଙ୍କ ପୁତ୍ରମାନେ ବନ୍ଦୋବସ୍ତ ଶିବିରରେ ସେମାନଙ୍କ ରେକର୍ଡ ଦେଖାଇ ଜମିକୁ ସେମାନଙ୍କ ନାମରେ କରିନେଇଥିଲେ। ଯାହାକୁ ନେଇ ମୂଳ କ୍ରେତାଙ୍କ ପରିବାର ପକ୍ଷରୁ ୨୦୦୪ରେ ଏକ ଆରପି କେସ ରୁଜୁ ହୋଇଥିଲା। ଏହି ମାମଲା ଚୂଡାନ୍ତ ହେବା ପୂର୍ବରୁ ପୁନର୍ବାର ଯଦୁନାଥଙ୍କ ପୁତ୍ର ସେହି ବିବାଦୀୟ ଜମିକୁ ତୃତୀୟ ପକ୍ଷଙ୍କୁ ହସ୍ତାନ୍ତର କରିଥିଲେ। ତୃତୀୟପକ୍ଷ ଦଳିତ ସମ୍ପ୍ରଦାୟର ହୋଇଥିବାବେଳେ ସେ ସମସ୍ୟା ସମ୍ପର୍କରେ ନ ବୁଝି କ୍ରୟ କରିଥିବା ଜମିକୁ ଜବରଦସ୍ତ ଦଖଲ କରିବା ପାଇଁ ତାହା ଉପରେ ମାଟି ପକାଇବା ଆରମ୍ଭ କରି ଦେଇଛନ୍ତି। ପ୍ରଥମ ପକ୍ଷଙ୍କ ପକ୍ଷରୁ ଫଗୁଦେବ ସାମଲ ଏସଡିଏମଙ୍କ କୋର୍ଟଙ୍କ ଦ୍ୱାରସ୍ଥ



ହୋଇ ଘରୁ ବାହାରିବା ପାଇଁ ରାସ୍ତା ଦିଆଯାଉ ବୋଲି ଆବେଦନ କରିଥିଲେ। ଏସଡିଏମଙ୍କ ପକ୍ଷରୁ ୧୯.୦୩.୨୦୨୪ରେ ସିଆରଏଲ ମିସକେଶ ନଂ ୮୧୬/୨୦୨୪ରେ ବିଞ୍ଝାରପୁର ପୁଲିସଙ୍କୁ ଘଟଣା ସ୍ଥଳରେ ପହଞ୍ଚି ଆବଶ୍ୟକୀୟ ପଦକ୍ଷେପ ନେବାପାଇଁ ଆଦେଶ ଦିଆଯାଇଥିଲା। ବିଞ୍ଝାରପୁର ପୁଲିସ ଆବେଦନକାରୀଙ୍କୁ ରାସ୍ତା ଦେବାପାଇଁ କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ଏକ ରିପୋର୍ଟ କୋର୍ଟଙ୍କୁ ପ୍ରଦାନ କରି ନିଜର କର୍ତ୍ତବ୍ୟ ସାରି ଦେଇଥିବା ଅଭିଯୋଗକାରୀଙ୍କ ପକ୍ଷରୁ ପ୍ରତାପ ସାମଲ କହିଛନ୍ତି। ଶ୍ରୀ ସାମଲଙ୍କ କହିବାନୁଯାୟୀ ତୃତୀୟ ପକ୍ଷ କ୍ରେତା ରମାକାନ୍ତ ମଲିକ ନଦୀବନ୍ଧଠାରୁ ଏହି ଜମିକୁ ମିଶାଇ ବାଡବନ୍ଦୀ କରିଥିବାରୁ ସେମାନଙ୍କ ପରିବାର ଏହି ରାସ୍ତା ଉପରକୁ ଆସି ଗମନାଗମନ କରିବାରୁ ବଞ୍ଚିତ ହେଉଛନ୍ତି। ଅନ୍ୟପକ୍ଷରେ ଥାନା ଅଧିକାରିଣୀ ଅଂଶୁମାଳା ଦାସ ଏହା ସିଭିଲ ମ୍ୟାଟର ହୋଇଥିବାରୁ ତାଙ୍କର ପରିସରକୁ ଆସୁ ନ ଥିବା କହିଛନ୍ତି।

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଇମେଲ୍ : crpd@sbi.co.in
ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ଚୁକ୍ତିନାମା ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ଚୁକ୍ତିନାମା ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

| ବିଜ୍ଞାପନ ସଂ. : CRPD/SCO/2023-24/34 | | |
|---|---|---|
| ପୋଷ୍ଟ ନାମ | ଖାଲି ପଦବୀ | ସମକକ୍ଷ ଗ୍ରେଡ୍ |
| ମୁଖ୍ୟ (କର୍ପୋରେଟ୍ ଯୋଗାଯୋଗ ଏବଂ ମାର୍କେଟିଂ) | 1 | ଟିଇଜିଏସ୍-VII |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://bank.sbi/web/careers ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: **"CONTACT US" —> "Post Your Query"** ଯାହା ବ୍ୟାଙ୍କର ୱେବସାଇଟ (https://bank.sbi/web/careers/post-your-query) ରେ ଉପଲବ୍ଧ ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 16.05.2023 ରୁ 05.06.2023 ପର୍ଯ୍ୟନ୍ତ ।**

ସ୍ଥାନ: ମୁମ୍ବାଇ
ତାରିଖ: 20.03.2024
ମହା ପ୍ରବନ୍ଧକ (ଆରପି ଏବଂ ପିଏମ୍)

# ଭାରୀଯାନ ଚଳାଚଳ ଯୋଗୁଁ ବଳି ପଡୁଛି ରାସ୍ତା



**ରାଜକନିକ,୨୭।୩(ସମିସ):** ଦିନକୁ ଦିନ ରାଜକନିକାର ସମସ୍ତ ଗଳି କନ୍ଦିକୁ ଭାରୀଯାନ ଚଳାଚଳ କରିବାରୁ ରାସ୍ତା ସବୁ ବ୍ୟସ୍ତବହୁଳ ହେବା ସହ ପରିମିଟ ଓ ପାସ୍‌ଠାରୁ ଅଧିକ ଓଜନର ଭାରୀଯାନ ଯିବା ଆସିବା କରିବାରୁ ସମସ୍ତ ରାସ୍ତା ଏବେ ବିପଦପୂର୍ଣ୍ଣ ହୋଇଯାଇଛି। ଅହରହ ଏହି ସବୁ ରାସ୍ତାରେ ବିଶେଷ କରି ବାଲି ବୋଝେଇ ହାଇୱା ପାଣି ଝରୁଥିବା ଅବସ୍ଥାରେ ଦ୍ରୁତ ଗତିରେ ଯାତାୟାତ କରୁଥିବାରୁ ପିଚୁ ସଡ଼କ ତାଡି ହୋଇ ଗାଡ଼ ହେବାରେ ଲାଗିଛି। ପୁନଶ୍ଚ ଚେନ୍ ପୁଲି ଲଗା ଜେସିବି ଆଦି ରାସ୍ତାରେ ଯାଇ ସବୁ ରାସ୍ତା ଅବସ୍ଥାକୁ ବେହାଲ କରିବାରେ ଲାଗିଛି।

ଆୟତନ ଠାରୁ ଗଜରାଜପୁର ଯାଏ ଥିବା ରାସ୍ତାର ତେନ୍ତୁଳିକୋଳି ପାଖରେ ଏହି ରାସ୍ତା ବହୁ ଖାଲଖମାରେ ଭର୍ତ୍ତି ଥିବାରୁ ସାଧାରଣ ଲୋକେ ଯାତାୟାତରେ ହଇରାଣ ହେଉଛନ୍ତି।

# ଦିନରେ ଘୁଷୁରୀ ଚରାଳି; ରାତିରେ ଚୋରି

**କେନ୍ଦ୍ରାପଡ଼ା,୨୭।୩(ସମିସ):** ଦିନରେ ଭିକ ମାଗିବା ବାହାନା ହେଉ କିମ୍ବା ଘୁଷୁରୀ ଚରାଇ କରୁଥିଲା ରେକି ଆଉ ରାତିରେ କଳାକନା ବୁଲାଉଥିଲା। ଏକୁଟିଆ ଥିବା ବିଭିନ୍ନ ଘର ଥିଲା ସଫ୍ଟ ଟାର୍ଗେଟ। ଏପରି ଏକ ଆନ୍ତଃରାଜ୍ୟ ଲୁଟେରା ଗ୍ୟାଙ୍ଗକୁ କେନ୍ଦ୍ରାପଡ଼ା ପୁଲିସ କାବୁ କରିଛି। ଦିନରେ ଘୁଷୁରୀ ଜଗିବା ସହ ଗାଁ ଗାଁ ବୁଲି ଭିକ୍ଷା ମାଗିବା ସହ ରାତିରେ ସେମାନେ ଅସଲ ରୂପକୁ ଆସି ଦେଖାଉଥିଲେ ଅସଲ କାରନାମା। ଏଭଳି ଏକ ଡକାୟତି ଗ୍ୟାଙ୍ଗର ୩ଜଣଙ୍କ ସମେତ ୨ଜଣ ଚୋରା ଜିନିଷ କ୍ରେତାଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ଏକ ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ରାପଡା ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କଟାରିଆ ସୂଚନା ଦେଇଛନ୍ତି।

**■ ଭିକ ମାଗିବା ବାହାନାରେ କରୁଥିଲା ରେକି**
**■ ଏକୁଟିଆ ଘରକୁ କରୁଥିଲା ଟାର୍ଗେଟ୍**
**■ ପୁଳା ପୁଳା ଗହଣା, ଟଙ୍କା ଜବତ**

ଏସ୍‌ପିଙ୍କ ସୂଚନା ଅନୁଯାୟୀ, ଗତ ୧୭ ତାରିଖ ରାତିରେ କେନ୍ଦ୍ରାପଡା ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅନ୍ତର୍ଗତ ବଡ଼ ମୂଳବସନ୍ତ ଗାଁର ଆଇନଜୀବୀ ଭୀମସେନ ପ୍ରଧାନଙ୍କ ବାସଭବନରେ ୬ ଜଣ ଡକାୟତ ଅସ୍ତ୍ରଶସ୍ତ୍ର ସହ ଘର ଗ୍ରୀଲ ଭାଙ୍ଗି ପଶିଥିଲେ। ଘର ଲୋକେ ଉଠିଯିବା ପରେ ଡକାୟତମାନେ ସେମାନଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ଘରେ ମହଜୁଦ ଥିବା ସୁନାଗହଣା ସମେତ ନଗଦ ଟଙ୍କା ଲୁଟି ନେଇଥିଲେ। ଏନେଇ ଭୀମସେନ ପଟ୍ଟାମୁଣ୍ଡାଇ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ ଆରମ୍ଭ କରିଥିଲା। ତେବେ ଗତ ୨୩ ତାରିଖ ଦିନ ରାଜନଗର ପୁଲିସ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅଧିନ ମାଟିଆ ଗାଁର ବାବୁନି ଦାସର ପୁଅ ଲକ୍ଷ୍ମଣ ଦାସକୁ ୨୦୨୩ ମସିହାରେ ସଂଘଟିତ ହୋଇଥିବା ଏକ ଚୋରି ଓ ରାହାଜାନୀ ଘଟଣାରେ ଗିରଫ କରିବା ପରେ ବାସ୍ତବ ଘଟଣା ସାମ୍ନାକୁ ଆସିଥିଲା। ଲକ୍ଷ୍ମଣ ଏହି ଆନ୍ତଃରାଜ୍ୟ ଡକାୟତି ଗ୍ୟାଙ୍ଗ କଥା ପୁଲିସକୁ କହିବା ପରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଏକ ଟିମ ଗଠନ କରି ଚତୁରତାର ସହ ଏହି ସବାଖିଆ କେଳାମାନଙ୍କୁ ଗିରଫ କରିବାରେ ସଫଳ ହୋଇଛି। ଏହି ଆନ୍ତଃରାଜ୍ୟ ଡକାୟତି ଗ୍ୟାଙ୍ଗର ଜଣେ ମହିଳା ଥିବା ପୁଲିସ କହିଛି।



ଗିରଫ ଅଭିଯୁକ୍ତମାନେ ହେଲେ ବାଲେଶ୍ୱର ଜିଲ୍ଲା ସିମୁଳିଆ ଥାନା ଅଧିନ ଆବଜୁନା ଗାଁର ରଞ୍ଜନ ଦାସ, ବାପୁନ ଦାସ ଓ ବାବିନା ଦାସ(ମହିଳା)। ସେହିପରି ଏହି ସବାଖିଆ କେଳା ବିକ୍ରି କରୁଥିବା ସୁନା ଓ ରୁପା ସାମଗ୍ରୀକୁ କିଣିଥିବା ଦୁଇଜଣ ହେଉଛନ୍ତି ପଟ୍ଟାମୁଣ୍ଡାଇ ଥାନା ଚାହାପଡା ଗାଁର ରାମଚନ୍ଦ୍ର ସାହୁ ଓ ଯାଜପୁର ଜିଲ୍ଲା ଧର୍ମଶାଳା ଥାନା ଅନ୍ତର୍ଗତ କାଏମା ଗାଁର କାର୍ତ୍ତିକ ସାହୁ। ଅଭିଯୁକ୍ତମାନଙ୍କଠାରୁ ଗୋଟିଏ ପଲସର ବାଇକ୍, ଦୁଇଟି ମୋବାଇଲ ଫୋନ, ନଗଦ ୪୮ ହଜାର ଟଙ୍କା ସମେତ ରୁପା ଚୁଡି, ରୁପା ପାଉଁଜି, ସୁନା ମୁଦି, ସୁନା କାନଫୁଲ,ସୁନା ଶାଙ୍ଖି, ସୁନା ଲକେଟ, ରୁପା କଡ଼ା, ରୁପା ସିନ୍ଦୁର ଫରୁଆ, ରୁପା ଗୋଡ଼ ମୁଦି, ସୁନା ନୋଳି, ରୁପା ଚାବି ଚେନ, ସୁନାହାର, ସୁନା ଚେନ, ମଙ୍ଗଳସୂତ୍ର, ସୁନା ଚୁଡ଼ି ଇତ୍ୟାଦି ଜବତ କରାଯାଇଥିବା ପୋଲିସ ଆରକ୍ଷୀ ଅଧିକ୍ଷକ କହିଛନ୍ତି। ଦୁଇଜଣ ଏସ୍‌ଡିପିଓଙ୍କ ନେତୃତ୍ୱରେ ଟିମ ଗଠନ କରାଯାଇ ଅପରାଧିକ କାର୍ଯ୍ୟକଳାପ ଉପରେ ନଜର ରଖାଯିବ ବୋଲି ପୁଲିସ ଆରକ୍ଷୀ ଅଧିକ୍ଷକ କହିଛନ୍ତି।

# ପଟ୍ଟାମୁଣ୍ଡାଇ ଯଜ୍ଞ ପଡ଼ିଆରେ ରାଜମେଳଣ



**ପଟ୍ଟାମୁଣ୍ଡାଇ,୨୭।୩(ସମିସ):** ପଟ୍ଟାମୁଣ୍ଡାଇ ଅଞ୍ଚଳରେ ପବିତ୍ର ହୋଲି ଉତ୍ସବ ସମାରୋହରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ପଟ୍ଟାମୁଣ୍ଡାଇ ଯଜ୍ଞ ପଡିଆରେ ବଣିକସଂଘ ପକ୍ଷରୁ ରାଜମେଳଣ ଆୟୋଜନ କରାଯାଇଥିଲା।। ବଣିକ ସଂଘ ସଭାପତି ଗୋପୀନାଥ କର, ଉପସଭାପତି ମୋହନ ଦାସ, ସମ୍ପାଦକ ପ୍ରଫୁଲ୍ଲ ଲେଙ୍କା, ସହସମ୍ପାଦକ ସରୋଜ ପାଢ଼ୀ, କୋଷାଧକ୍ଷ ପର୍ଶୁରାମ ଷଣ୍ଢ, ଉପଦେଷ୍ଟା କିରଣ ଭୂୟାଁ, କିଶୋର ଜେନାଙ୍କ ତତ୍ତ୍ୱାବଧାନରେ ପଟ୍ଟାମୁଣ୍ଡାଇର ବିଭିନ୍ନ ଅଞ୍ଚଳର ଦେବାଦେବୀମାନେ ସୁସଜ୍ଜିତ ବିମାନରେ ଆସି ଶ୍ରୀରାମମନ୍ଦିର ପରିସରରେ ଏକାଠି ହୋଇଥିଲେ। ଦେବାଦେବୀଙ୍କୁ ପୂଜାର୍ଚ୍ଚନା ସହ ଭୋଗ ଲାଗି କରାଯାଇଥିଲା। ଏହି ରାଜମେଳଣରେ ମାଟିଆ ମଦନମୋହନଜୀଉ, ମଠସାହୀ ନୃସିଂହନାଥଜୀଉ, ପଟ୍ଟାମୁଣ୍ଡାଇ ରାଧାରମଣଜୀଉ, ପୋଖରୀଆପଡା ହରପାର୍ବତୀଜୀଉ, ବାଲିପଡ଼ା ନୃସିଂହ ନାଥଜୀଉ, ଷଣ୍ଢପଲ୍ଲୀ କୁଞ୍ଜବିହାରୀଜୀଉ, ଗୁଲନଗର ରାଧାକୃଷ୍ଣଜୀ ଆଦି ବିଭିନ୍ନ ଦେବାଦେବୀଙ୍କ ବିମାନ ସାମିଲ ହୋଇଥିଲ।। ଏହି ରାଜମେଳଣ ଦେଖିବା ପାଇଁ ଶହ ଶହ ଶ୍ରଦ୍ଧାଳୁ ଭକ୍ତମାନଙ୍କ ସମାଗମ ହୋଇଥିଲା। ପଟ୍ଟାମୁଣ୍ଡାଇ ଥାନାକୁ ମଧ୍ୟ ବିଭିନ୍ନ ଦେବାଦେବୀ ବିମାନରେ ଯାଇ ଭୋଗ ଖାଇବା ଦେଖାଯାଇଥିଲ।। ପଟ୍ଟାମୁଣ୍ଡାଇ ବରିଷ୍ଠ ନାଗରିକମାନେ ସଭାପତି ପ୍ରଫେସର ଅନିରୁଦ୍ଧ ରାଉଳ, କାର୍ଯ୍ୟକାରୀ ସଭାପତି କସ୍ତୁରୀ ଚରଣ ସ୍ୱାଇଁ, ସମ୍ପାଦକ ପ୍ରଫେସର ଭରତ ପାତ୍ର, ପ୍ରଫେସର ରମେଶ ଚନ୍ଦ୍ର ଜେନା, ପ୍ରଫେସର କୈଳାଶ ଚନ୍ଦ୍ର ପାତ୍ର, ଶିକ୍ଷାବିତ ବିଜୟ କୁମାର ସାହୁ, ତ୍ରୈଲୋକ୍ୟନାଥ ମିଶ୍ରଙ୍କ ନେତୃତ୍ୱରେ ହୋଲି ଉତ୍ସବ ପାଳନ ହୋଇଥିଲା।

# ପ୍ରୋସେସନ୍‌ରେ ନେଇ ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା



**ରାଜକନିକା,୨୭।୩(ସମିସ):** ବାଜା ବାଜୁଥିଲା ନାଚବି ଜମୁଥିଲା। ଆଉ ସୁସଜ୍ଜିତ ରଥରେ ବସିଥିଲେ ଅବସରପ୍ରାପ୍ତ ଶିକ୍ଷକ। ପ୍ରାୟ ୪କିମି ଶୋଭାଯାତ୍ରାରେ ପାଛୋଟି ଆଣି ନିଜର ପ୍ରିୟ ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦେଇଥିଲେ ପୁରାତନ ଛାତ୍ର ଛାତ୍ରୀ ଓ ଗ୍ରାମବାସୀ। କେନ୍ଦ୍ରାପଡା ଜିଲ୍ଲା ରାଜକନିକା ବ୍ଲକ ଅନ୍ତର୍ଗତ କାଏମା ଦୋମଣ୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦୀର୍ଘ ୨୯ ବର୍ଷ ଧରି ଶିକ୍ଷାଦାନ କରିଥିବା ଶିକ୍ଷକ ନିଜାମ ଉଦ୍ଦିନ ସାହାଙ୍କୁ ଏଭଳି ନିଆରା ଢଙ୍ଗରେ ବିଦାୟ ସମ୍ବର୍ଦ୍ଧନା ଦେଇଥିଲେ ଛାତ୍ରଛାତ୍ରୀ ଓ ଗ୍ରାମବାସୀ। ଯେମିତି ଲାଗୁଥିଲା କୌଣସି ନେତାଙ୍କ ରାଲି ଯାଉଛି। ଏଠାରେ ଦୀର୍ଘଦିନ ଧରି ଶିକ୍ଷାଦାନ କଲା ପରେ ଅନ୍ୟ ସ୍କୁଲକୁ ବଦଳି ହୋଇଥିଲେ। ଚାରିମାସ ତଳେ ସେଠାରୁ ଅବସର ନେବାପରେ ନିଜାମ୍ ସାରଙ୍କ ପୁରାତନ ଛାତ୍ରଛାତ୍ରୀ ଓ ଗ୍ରାମବାସୀମାନେ ଏଭଳି ଭବ୍ୟ ଆୟୋଜନ କରିଛନ୍ତି। ନିଜାମ ସାରଙ୍କ ଘର ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଅଞ୍ଚଳରେ। ୧୯୯୦ମସିହାରେ କାଏମାଦୋମଣ୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମେ ଶିକ୍ଷକତା ଆରମ୍ଭ କରିଥିଲେ। ଗମନାଗମନର ବିଶେଷ ସୁବିଧା ନଥିବାରୁ ସେ ଗାଁରେ ରହି ଛାତ୍ରଛାତ୍ରୀମାନଙ୍କୁ ପାଠ ପଢାଇବା ସହ ସ୍କୁଲର ଉନ୍ନତି ପାଇଁ ଆଗଭର ହୋଇଥିଲେ। ନିଜାମ ସାର ସରକାରୀ ଚାକିରିରୁ ଅବସର ନେଇଛନ୍ତି ସତ ହେଲେ ସାର ଯେଉଁଠି ଥାଆନ୍ତୁ ନା କାହିଁକି ଆମ ହୃଦୟରେ ସବୁଦିନ ରହିବେ ବୋଲି କହିଛନ୍ତି ତାଙ୍କ ଛାତ୍ରଛାତ୍ରୀମାନେ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ଓ ମାତୃ ସମ୍ମିଳନୀ

**କେନ୍ଦ୍ରାପଡା,୨୭।୩(ସମିସ):** କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କାଙ୍କଦିଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୨ତମ ବାର୍ଷିକ ଉତ୍ସବ ଓ ମାତୃ ସମ୍ମିଳନୀ ପାଳିତ ହୋଇଯାଇଛି। ଉକ୍ତ ସଭାରେ ପରିଚାଳନା ପରିଷଦର ସଭାପତି ସୌମ୍ୟରଞ୍ଜନ ସ୍ୱାଇଁ ପୌରହିତ୍ୟରେ ମୁଖ୍ୟ ଅତିଥି ଭାବେ ଦୀନବନ୍ଧୁ ସାହୁ ଆଇନ ମହାବିଦ୍ୟାଳୟର ଅଧକ୍ଷ ଡଃ ରବୀନ୍ଦ୍ର କୁମାର ବଳ, ମୁଖ୍ୟ ବକ୍ତାଭାବେ ମାନସ ଭୂଷଣ ପଣ୍ଡିତ ହୃଷୀକେଶ ରଥ ଯୋଗଦେଇ ପିଲାମାନଙ୍କର ବିକାଶରେ ମା' ମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ଜଣେ ଭଲ ମଣିଷ ହେବାପାଇଁ ଅର୍ଥର ଆବଶ୍ୟକତା ନଥାଏ ବୋଲି ମତବ୍ୟକ୍ତ କରିଥିଲେ। ସଭାରେ ସମ୍ମାନିତ ଅତିଥି ଭାବେ କେନ୍ଦ୍ରାପଡାର ସହ-ଜିଲ୍ଲା ପ୍ରମୁଖ ତଥା ଶିକ୍ଷାବିକାଶ ସମିତି ଓଡିଶାର ଦିନେଶ ଚନ୍ଦ୍ର ଦେବନାଥ ଯୋଗଦେଇ ଶିଶୁ ବିଦ୍ୟାମନ୍ଦିରର ବିଭିନ୍ନ ମାର୍ଗଦର୍ଶକ ଓ ନିୟମ ବିଷୟରେ ଦୀକ୍ଷାନ୍ତ ଭାଷଣ ପ୍ରଦାନ କରିଥିଲେ। ଉକ୍ତ ସଭାରେ ବହୁ ଶିଶୁ ପ୍ରତିଭାମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ବିଭିନ୍ନ ଶ୍ରେଣୀର ପିଲାମାନେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସହିତ ବିଭିନ୍ନ ନାଚ ଓ ଗୀତରେ ଅତିଥି ଓ ଦର୍ଶକ ମାନଙ୍କୁ ଅଭିଭୂତ କରିଥିଲେ। ବିଦ୍ୟାମନ୍ଦିରର ସମସ୍ତ ଗୁରୁଜୀ ଓ ଗୁରୁମାମାନଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଭା ସାଫଲ୍ୟ ମଣ୍ଡିତ ହୋଇଥିଲା। ଶେଷରେ ବିଦ୍ୟାମନ୍ଦିରର ପରିଚାଳନା ସମିତିର ସଭାପତି ଧନ୍ୟବାଦ ଅର୍ପଣ କରିଥିଲେ।

# 'ଅହିଂସାର ପଥିକ ରବିନାରାୟଣଙ୍କ ଜୀବନ ଆଦର୍ଶ ସମସ୍ତଙ୍କ ପାଇଁ ପ୍ରେରଣା'




**ରାଜକନିକା,୨୭।୩(ସମିସ):** ରାଜକନିକା ବ୍ଲକ ତରାସ ଗ୍ରାମରେ ଜନ୍ମିତ ବିଶିଷ୍ଟ ସମାଜସେବୀ ରବି ନାରାୟଣ ଜେନା(୭୯)ଙ୍କ ଏକାଦଶାହ ସ୍ମୃତି ରୋମନ୍ଥନରେ ସାରା କନିକାବାସୀ ଆଜି ନିଜ ମାଟିର ପ୍ରିୟ ମଣିଷଙ୍କ ଜୀବନବ୍ୟାପୀ ତ୍ୟାଗ, ତିତୀକ୍ଷାରୁ ମାଟି ପାଇଁ ପ୍ରେରଣା ସାଉଁଟିଛନ୍ତି। କନିକା ମାଟିରେ ଜନ୍ମ ହୋଇ ବସୁଧୈବ କୁଟୁମ୍ବକମ୍ ନୀତି ଆପଣାଇ ରବି ଜେନା ଯେଉଁ ମାନବବାଦୀ ଚେତନାକୁ ତମାମ ଜୀବନ ଅନୁପାଳନ କରିଥିଲେ ସେହି ମହନୀୟ ଗୁଣାବଳୀକୁ ଆଜିର ସାମାଜିକ ବ୍ୟବସ୍ଥା କିଞ୍ଚିତ ଅନୁସରଣ କଲେ ବହୁ ସଂସ୍କାରମୂଳକ ଚେତନା ଉଦ୍ରେକ ହେବ ବୋଲି ରବି ଭାଇଙ୍କ ଅବର୍ତ୍ତମାନରେ ଅନୁଷ୍ଠିତ ସ୍ମୃତି କଥାରେ ବହୁ ବ୍ୟକ୍ତି ଆହ୍ୱାନ ଦେଇଛନ୍ତି। ଜୀବନର ସମସ୍ତ ସମୟକୁ ସମାଜସେବାରେ ସମର୍ପଣ କରିଥିବାରୁ ତାଙ୍କୁ ଏ ମାଟି ସବୁଦିନ ଝୁରିହେବ ବୋଲି ମତପ୍ରକାଶ ପାଇଥିଲା। ପୂର୍ବାହ୍ନ ୧୧ ଟାରୁ ତରାସର ନେତାଜୀ କ୍ଲବ ପରିସରରେ ଅନୁଷ୍ଠିତ ଆଜିର ସ୍ମୃତି ସଭାରେ ସମାଜର ବିଭିନ୍ନ ବର୍ଗର ବ୍ୟକ୍ତି ଓ ଅନୁଷ୍ଠାନ ଯୋଗ ଦେଇ ରବି ଭାଇଙ୍କ ଅମ୍ଳାନ ସ୍ମୃତି ବଖାଣି ଗଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ତାଙ୍କ ସ୍ମୃତିରେ ଏକ ସ୍ମରଣୀକା ପ୍ରକାଶିତ ହୋଇଥିଲା। ପ୍ରାରମ୍ଭରୁ ସର୍ବଧର୍ମ ପ୍ରାର୍ଥନା ସଭା ପରେ ଅମର ଆତ୍ମାର ସଦଗତି ପାଇଁ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଆଜିର ସ୍ମୃତି ଚାରଣରେ ରବିଭାଇଙ୍କ ସାମୟିକ ସହଯୋଗୀ ଦାମୋଦର ସାହୁ, ମିଳିତ ଓଡିଶା ନିଶା ନିବାରଣ ଅଭିଯାନର ସଦସ୍ୟ ରମାକାନ୍ତ ମଣ୍ଡଳ, ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା ପ୍ରମୁଖଙ୍କ ସହ ବିଭିନ୍ନ ବର୍ଗର ଶତାଧିକ ବ୍ୟକ୍ରି ସ୍ମୃତି ଚାରଣ କରିଥିଲେ।

# ସାଧାରଣ ନିର୍ବାଚନ ପୂର୍ବରୁ ପୁଲିସର ଫ୍ଲାଗ୍‌ମାର୍ଚ୍ଚ

**ରାଜକନିକା,୨୭।୩(ସମିସ):** ଆଜି ଅପରାହ୍ନରେ ରାଜକନିକା ପୁଲିସ ଓ ବିଏସ୍‌ଏଫ୍ ଯବାନଙ୍କ ଦ୍ୱାରା ରାଜକନିକା ସଦରରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ଆସନ୍ତା ନିର୍ବାଚନରେ କୌଣସି ପ୍ରକାର ଅପ୍ରୀତିକର ସ୍ଥିତିକୁ ଏଡାଇ ସ୍ୱଚ୍ଛ, ନିରପେକ୍ଷ, ଅବାଧ ଓ ମୁକ୍ତ ଭୋଟଦାନକୁ ଉତ୍ସାହିତ କରିବାକୁ ଆଜିର ଫ୍ଲାଗ୍‌ମାର୍ଚ୍ଚ କରାଯାଇଥିବା ପୁଲିସ କହିଛି। ଅପରାହ୍ନରେ ରାଜକନିକା ଥାନାରୁ ବାହାରିଥିବା ଏହି ମାର୍ଚ୍ଚ ଅଶୋକବଜାର, ଚନ୍ଦନପୋଖରୀ ଛକ, କଣ୍ଟାପଡା ଦେଇ ଯାଇଥିବା ବେଳେ ସନ୍ଧ୍ୟାରେ ଓଳାଭର ଓ କଣ୍ଡିଆହାଟରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି।

# ମହାନଦୀରେ ବୁଡ଼ି ଛାତ୍ର ନିଖୋଜ

**ତିର୍ତ୍ତୋଲ,୨୭।୩(ସମିସ):** ତିର୍ତ୍ତୋଲ ଥାନା ଅନ୍ତର୍ଗତ ବଫାପୁର ଗ୍ରାମର ସାମ୍ବାଦିକ ସୁଧାଂଶୁ ପୃଷ୍ଟିଙ୍କ ପୁତ୍ର ସୂର୍ଯ୍ୟାଂଶୁ ପୃଷ୍ଟି(୧୭) ଆଜି ଅପରାହ୍ନରେ ମହାନଦୀରେ ଗାଧୋଉଥିବାବେଳେ ବୁଡିଯାଇ ନିଖୋଜ ହୋଇଯାଇଛନ୍ତି। ସେ ବାୟା ଅବଧୂତ ମହାବିଦ୍ୟାଳୟରେ ଯୁକ୍ତ ୨ରେ ପଢୁଥିଲେ। ସାଙ୍ଗମାନଙ୍କ ସହ ନଇପଠାକୁ ଭୋଜି କରିବାକୁ ଯାଇଥିବାବେଳେ ନଦୀରେ ସାଙ୍ଗହୋଇ ସମସ୍ତେ ଗାଧୋଉଥିଲେ। ମାତ୍ର ସୂର୍ଯ୍ୟାଂଶୁ ଗଭୀର ଜଳକୁ ଚାଲିଯାଇଥିଲେ। ଖବର ପାଇ ଓଡ୍ରାଫ୍ ଟିମ୍ ଓ ସ୍ଥାନୀୟ ଦମକଳ ବାହିନୀର କର୍ମଚାରୀ ଉଦ୍ଧାର କାର୍ଯ୍ୟ ଜାରି ରଖିଥିଲେ ମଧ୍ୟ ଖବର ଲେଖାହେବା ସୁଦ୍ଧା କୌଣସି ସନ୍ଧାନ ମିଳିପାରିନାହିଁ।

# ଦୁଇ ବାଇକ୍ ମୁହାଁମୁହିଁ; ୨ ଆହତ

**ଡେରାବିଶ,୨୭।୩(ସମିସ):** କେନ୍ଦ୍ରାପଡ଼ା ସଦର ଥାନା ଚାନ୍ଦୋଳ ଫାଣ୍ଡି ଅନ୍ତର୍ଗତ କଟକ-ଚାନ୍ଦବାଲି ରାଜରାସ୍ତା କାକଟିଆ ଛକରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ଉଭୟ ଆରୋହୀ ଆହାତ ହୋଇ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ବସପୁର ଗ୍ରାମର ମଳୟ ସାହୁ ଭୁବନେଶ୍ୱରରୁ ଚାନ୍ଦୋଳ ଅଭିମୁଖେ ଆସୁଥିବା ବେଳ ରାଜନଗର ନିକଟସ୍ଥ ଗୁଣ୍ଡି ମଦନପୁର ଅଞ୍ଚଳର ରାଜେଶ ପ୍ରଧାନ ଭୁବନେଶ୍ୱର ଅଭିମୁଖ୍ୟ ବାଇକ୍‌ରେ ଯାଉଥିବା ବେଳେ ମୁହାଁମୁହିଁ ଧକ୍କା ହୋଇଥିଲା। ଉଭୟ ମଳୟ ଓ ରାଜେଶ ଗୁରୁତର ଆହାତ ହୋଇ ପଡ଼ିଥିଲେ। ରାଜେଶଙ୍କ ଦୁଇଟି ହାତ ଭାଙ୍ଗିଯିବା ସହ ଗଭୀର କ୍ଷତ ହୋଇଛି। ଚାନ୍ଦୋଳ ଫାଣ୍ଡି ଏଏସ୍‌ଆଇ ସୁନିଲ ସେଠି ପହଞ୍ଚି ଉଭୟ ଆହାତଙ୍କୁ ୧୦୮ ଯୋଗେ କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିବା ବେଳେ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ଜବତ କରିଥିଲେ।

● ଅଯୋଧ୍ୟାରେ ଅନୁଷ୍ଠିତ 'ରାମ ଉତ୍ସବ'ରେ ଚିତ୍ର କର୍ମଶାଳା

# ଓଡ଼ିଆ ଯୁବ ଚିତ୍ରଶିଳ୍ପୀ ସୌମ୍ୟରଞ୍ଜନ ପଟ୍ଟନାୟକ ସମ୍ମାନିତ

**କେନ୍ଦ୍ରାପଡା,୨୭।୩(ସମିସ):** କେନ୍ଦ୍ରାପଡା ମହିପାଳ ସରକାରୀ ହାଇସ୍କୁଲର ଚିତ୍ରକଳା ଶିକ୍ଷକ ତଥା କ୍ରିଷ୍ଣା ଆର୍ଟ ଆଣ୍ଡ କଲଚର ଏକାଡେମୀର ଅଧକ୍ଷ ତଥା ଚିତ୍ରଶିଳ୍ପୀ ସୌମ୍ୟଂଜନ ପଟ୍ଟନାୟକଙ୍କୁ ଅଯୋଧ୍ୟାରେ ଅନୁଷ୍ଠିତ ହୋଇଥିବା "ରାମ ଉତ୍ସବ" ଶୀର୍ଷକ ଚିତ୍ର କର୍ମଶାଳାରେ ସମ୍ମାନୀତ କରାଯାଇଅଛି। ଚଳିତ ମାସ ୧୭ ତାରିଖରୁ ୨୨ ତାରିଖ ଟେଣ୍ଟ ସିଟି ଉତ୍ତରପ୍ରଦେଶଠାରେ ସଂସ୍କାର ଭାରତୀ ଓ ଲଳିତକଳା ଏକାଡେମୀ ଉତ୍ତରପ୍ରଦେଶ ମିଳିତ ଉଦ୍ୟମରେ ଦେଶର ପ୍ରତି ରାଜ୍ୟର ଶ୍ରେଷ୍ଠ ଯୁବ ଚିତ୍ରଶିଳ୍ପୀମାନଙ୍କୁ ଚୟନ କରି ୫୧ ଜଣ ଚିତ୍ରଶିଳ୍ପୀଙ୍କୁ ନେଇ "ରାମ ଉତ୍ସବ" ଶୀର୍ଷକ ଜାତୀୟସ୍ତରୀୟ ଚିତ୍ର କର୍ମଶାଳାରେ ୧୦୨ଟି ଚିତ୍ର ଅଙ୍କନ କରାଯାଇଥିଲା ଓ ଏହାପରେ ୨୨ ତାରିଖରେ ପ୍ରଦର୍ଶିତ କରାଯାଇଥିଲା। କେନ୍ଦ୍ରାପଡାର ସୌମ୍ୟରଞ୍ଜନ ପଟ୍ଟନାୟକ ଏକମାତ୍ର ଯୁବ ଚିତ୍ରଶିଳ୍ପୀ ଭାବେ ଉକ୍ତ ଉତ୍ସବରେ ଓଡିଶାକୁ ପ୍ରତିନିଧିତ୍ୱ କରି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଉତ୍ତରପ୍ରଦେଶ ସଂସ୍କୃତି ବିଭାଗ ତରଫରୁ ସୌମ୍ୟରଂଜନଙ୍କୁ ଉପଢୌକନ, ମାନପତ୍ର, ସ୍ମୃତି ଫଳକ ଓ ୨୨୦୦୦ ମାନଦେୟ ସହ ରାମ ମନ୍ଦିର ପୂଜକ ଦିଲ୍ଲୀପ ଦାସ ଯୋଗୀ ମହାରାଜ, ଜାତୀୟ ଆଧୁନିକ କଳା ସଂଗ୍ରହାଳୟ ନୂଆଦିଲ୍ଲୀର ନିର୍ଦ୍ଦେଶକ ଓ ଅନ୍ୟ ମାନ୍ୟଗଣ୍ୟ ବରିଷ୍ଠ ପଦାଧିକାରୀ ସୌମ୍ୟଙ୍କ ଚିତ୍ରିତ କରିଥିବା ଚିତ୍ର ଓଡିଶା ଓ ସାରା ବିଶ୍ୱର ବଡ ଠାକୁର ଜଗନ୍ନାଥଙ୍କ ରଘୁନାଥ ବେଶକୁ ଉଚ୍ଚ ପ୍ରଶଂସା କରି ସମ୍ବର୍ଦ୍ଧିତ କରିଥିଲେ।



## ସରିଲା ପ୍ରସିଦ୍ଧ ଓଳକଣା ମେଳଣ

# ହରିହରଙ୍କ ମିଳନ ପର୍ବ ଦେଖିଲେ ଲକ୍ଷାଧିକ ଶ୍ରଦ୍ଧାଳୁ

**ଡେରାବିଶ,୨୭।୩(ସମିସ):** ପ୍ରସିଦ୍ଧ ଓଳକଣା ମେଳଣ ସୋମବାର ଶୃଙ୍ଖଳାର ସହ ଶେଷ ହୋଇଛି। ଅନନ୍ୟ ପରମ୍ପରାର ପ୍ରତୀକ ଏହି ମେଳଣ ପାରମ୍ପରିକ ରୀତିନୀତି ଅନୁସାରେ ଫାଲ୍‌ଗୁନ ଶୁକ୍ଳ ଚତୁର୍ଦ୍ଦଶୀ ତିଥି ରବିବାର ରାତ୍ରିରୁ ଆରମ୍ଭ ହୋଇଥିଲା। ଏଥିପାଇଁ ମେଳଣ ପଡିଆରେ ଥିବା ଭକ୍ତ ବିଦୁରଙ୍କ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ ଲାଗିରହିଥିଲା। ଶାଗ ଭଜା ଓ ଦହି ପଖାଳ ପ୍ରସାଦ ପାଇବା ପାଇଁ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଶ୍ରଦ୍ଧାଳୁମାନେ ଭିଡ ଜମାଇଥିଲେ। କେନ୍ଦ୍ରାପଡା ଓ କଟକ ଜିଲ୍ଲାର କେନ୍ଦ୍ରସ୍ଥଳୀରେ ଅନୁଷ୍ଠିତ ଏହି ମେଳଣ ପାଇଁ ଉଭୟ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଓଡିଶାର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ପ୍ରତ୍ୟେକ ମେଳଣରେ ବିମାନରେ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତୀ ପୂଜା ପାଉଥିବାବେଳେ ଓଳକଣା ମେଳଣରେ ଗୋଟିଏ ବିମାନରେ ମା' ଲକ୍ଷ୍ମୀ ଓ ଅନ୍ୟ ଏକ ବିମାନରେ ଶିବଶକ୍ତି ପୂଜା ପାଇବା ମେଳଣର ଅନନ୍ୟ ପରମ୍ପରା। ପ୍ରାଚୀନତମ ଏହି ମେଳଣ ପଡିଆରେ ପ୍ରଥମେ ବ୍ଲକ ଅଧିନସ୍ଥ ରାଜନଗରରୁ ଆସୁଥିବା ଆଳିରାଜାଙ୍କ ପଞ୍ଚମୁଖି ବିମାନରେ ଶ୍ରୀ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ଓ ଡେରାବିଶର ଶ୍ରୀ ଦଧିବାମନଜୀଉଙ୍କ ମନ୍ଦିରରୁ ଅନ୍ୟଏକ ବିମାନରେ ମା' ଲକ୍ଷ୍ମୀଙ୍କ ପ୍ରତିମା ପ୍ରଥମେ ରବିବାର ବିଳମ୍ବିତ ରାତିରେ ପୂର୍ବଦ୍ୱାର ଦେଇ ପଡିଆ ମଧ୍ୟକୁ ପ୍ରବେଶ କରିଥିଲେ। ଏହାପରେ ପୂର୍ବରୁ ପଡିଆ ମଧ୍ୟରେ ମାଟିରେ ନିର୍ମିତ କନକବେଦୀରେ ଉଭୟ ବିମାନ ଉପବେଶନ କରିବା ପରେ ପଡିଆରେ ଗାଦିଶ୍ୱର ମଣ୍ଡୁଅ ଗ୍ରାମରୁ ଆସିଥିବା ବିମାନ ନିର୍ଦ୍ଧାରିତ ସ୍ଥାନରେ ଉପବେଶନ କରିଥିଲେ। ପରେ ବିଭିନ୍ନ ଦ୍ୱାର ଦେଇ ଅନ୍ୟ ବିମାନ ଗୁଡିକ ପଡିଆ ମଧ୍ୟକୁ ପ୍ରବେଶ କରିଥିଲେ। ମେଳଣର ମୁଖ୍ୟ ଆକର୍ଷଣ ଥିଠଲା କଟକ ଜିଲ୍ଲା ମାହାଙ୍ଗା ବ୍ଲକ ଅନ୍ତର୍ଗତ ପ୍ରସିଦ୍ଧ ଶୈବପୀଠ ଭଦ୍ରେଶ୍ୱରଙ୍କ ପୀଠରୁ ଆସୁଥିବା ବିମାନ। ଏହି ବିମାନରେ ହରରୂପି ଶ୍ରୀ ଭଦ୍ରେଶ୍ୱର ସୋମବାର ପ୍ରାତଃରୁ ଏକ ବିରାଟ ପଟୁଆର ମଧ୍ୟରେ ମେଳଣ ପଡିଆରେ ପହଞ୍ଚିଥିଲେ। ପରମ୍ପରା ଅନୁଯାୟୀ ୧୦୮ ଫଟ ପଟୁଆର, ମଶାଲ ଓ ସଙ୍କୀର୍ତ୍ତନ ଶୋଭାଯାତ୍ରା ମଧ୍ୟରେ ଭଦ୍ରେଶ୍ୱରଙ୍କ ବିମାନ ପକ୍ଷରୁ ଏକ ଆଳତୀ ପଡିଆ ମଧ୍ୟରେ ଥିବା ଭକ୍ତ ବିଦୁରଙ୍କ ମନ୍ଦିରକୁ ଯାଇଥିଲା। ଏଥି ସହିତ କନକବେଦୀରେ ଉପବେଶନ କରିଥିବା ମା' ଲକ୍ଷ୍ମୀଠାକୁରାଣୀଙ୍କ ନିକଟରେ ବସାଇଯାଇଥିବା କଳସ ପାଖରୁ ଶସ୍ୟ ନେବାପାଇଁ ଶ୍ରଦ୍ଧାଳୁଙ୍କ ଗହଳି ଦେଖିବାକୁ ମିଳିଥିଲା। ପ୍ରବାଦ ଅଛି ଏହି ଶସ୍ୟଟିକକ ନେଲେ ଘର ଧନଧାନ୍ୟରେ ପୂର୍ଣ୍ଣହେବ।



ଏହି ମେଳଣ ପଡ଼ିଆରେ କେନ୍ଦ୍ରାପଡ଼ା, କଟକ ଓ ଯାଜପୁର ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ୧୨୫ରୁ ଉଦ୍ଧର୍ ବିମାନ ଆସିଥିବାବେଳେ ଉଭୟ କେନ୍ଦ୍ରାପଡା ଓ କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଇନ ଶୃଙ୍ଖଳା ରକ୍ଷାପାଇଁ ବ୍ୟାପକ ପୁଲିସ ବ୍ୟବସ୍ଥା କରାଯାଇଥିଲା। ଏଥିସହିତ ପ୍ରଶାସନ ପକ୍ଷରୁ ଶ୍ରଦ୍ଧାଳୁଙ୍କ ନିମନ୍ତେ ପାନୀୟ ଜଳ ଓ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର କରାଯାଇଥିଲା। ଏହି ମେଳଣରେ ଚଳିତ ବର୍ଷ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

# ଲୁଣିଆ, ପଦା, ସହିଦନଗର ଓ ସୂର୍ଯ୍ୟପୁର ମେଳଣ ଉଦ୍‌ଯାପିତ

**ଅସୁରାଳି,୨୭।୩(ସମିସ)**



ଧାମନଗର ବ୍ଲକ ଅନ୍ତର୍ଗତ ବୟାଙ୍ଗଡ଼ିହି ମେଳଣପଡ଼ିଆରେ ପରମ୍ପରାର ନିଦର୍ଶନ ସ୍ୱରୂପ ପ୍ରତିବର୍ଷ ଆୟୋଜିତ ହୁଏ ମେଳଣ ଉତ୍ସବ। ଏହା ଅଞ୍ଚଳର ସର୍ବପୁରାତନ ମେଳନ ଯାହାକି ୨୭୨ ବର୍ଷ ପୂର୍ବେ ତତ୍କାଳୀନ ଜମିଦାର ପ୍ରହଲ୍ଲାଦ ହରିଚନ୍ଦନ ମହାପାତ୍ରଙ୍କ ଦ୍ୱାରା ଆରମ୍ଭ ହୋଇଥିଲା ବୋଲି ଶୁଣାଯାଏ। ଜମିଦାରଙ୍କ କୁଳ ଦେବତା ପ୍ରଭୁ ଶ୍ରୀ ମୁରଲି ମୋହନଜୀଉ ହେଉଛନ୍ତି ଏହି ମେଳଣ ଉତ୍ସବର ଥାନପତି ଠାକୁର। ମେଳଣ ଉତ୍ସବ ମୁଖ୍ୟତଃ ଜମିଦାରଙ୍କ ଉତ୍ତରଦାୟଦ ପ୍ରଶାନ୍ତ ମହାପାତ୍ର, ଅଜୟ ମହାପାତ୍ର, ଓ ଠାକୁର ବାଡ଼ିଆ କର୍ମକର୍ତ୍ତା ତଥା ସ୍ଥାନୀୟ ଜନସାଧାରଣଙ୍କ ସହଯୋଗରେ ଅନୁଷ୍ଠିତ ହୋଇଥାଏ। ସ୍ଥାନୀୟ ଜନପ୍ରତିନିଧିଙ୍କ ଆର୍ଥିକ ଅନୁଦାନ ପ୍ରଦାନରେ ଏହି ମେଳଣପଡ଼ିଆରେ କଳାତ୍ମକ ପରିବର୍ତ୍ତନ ହେବା ସହ ପିଣ୍ଡି ହୋଇଛି। ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ପେଣ୍ଡାଲ ଅର୍ଦ୍ଧ ନିର୍ମିତ ଅବସ୍ଥାରେ ଅଛି। ପଡ଼ିଆରେ ଭକ୍ତଙ୍କ ନିମିତ ଆଲୋକ ବ୍ୟବସ୍ଥା ହୋଇ ପାନୀୟ ଜଳର ସୁବନ୍ଦୋବସ୍ତ କରାଯାଇଛି। ତେବେ ସ୍ଥାନୀୟ ଜନସାଧାରଣଙ୍କ ତରଫରୁ ଏହି ପଡ଼ିଆରେ ଏକ ତୋରଣ ନିର୍ମାଣ ପାଇଁ ଜନପ୍ରତିନିଧିମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଛି। ୨ ଦିନ ଧରି ଚାଲୁଥିବା ମେଳଣ ଉତ୍ସବରେ ପ୍ରାୟ ୩୬ଟି ବିମାନରେ ରାଧାକୃଷ୍ଣଙ୍କ ପ୍ରତିମୂର୍ତ୍ତି ଶୋଭା ପାଇଥାଏ। ବହୁ ଦୂରଦୁରାନ୍ତରୁ ଲୋକମାନଙ୍କ ସମାଗମ ହୋଇଥାଏ। ଏହା କୋଠାର ଅଞ୍ଚଳର ମୁଖ୍ୟ ପର୍ବ ହୋଇଥିବାରୁ ଏହି ମେଳଣରେ ଲୋକମାନେ ସେମାନଙ୍କର ବର୍ଷକ ଯାକର ନିତ୍ୟ ବ୍ୟବହୃତ ସାମଗ୍ରୀ କ୍ରୟ କରିଥାନ୍ତି। ଠାକୁରଙ୍କ ପାଖରେ ପାରମ୍ପରିକ ପୂଜା ବିଧି ସହିତ ପ୍ରତ୍ୟହ ବାଲ୍ୟଭୋଗ ଅର୍ପଣ କରାଯାଇଥାଏ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ପାଲା ପରିବେଷଣ ଏକ ଅନନ୍ୟ ପରିଚୟ ସୃଷ୍ଟି କରିଛି। ସେହି ପରି ସୂର୍ଜିପୁରରେ ମେଳଣ ଉତ୍ସବରେ ପ୍ରାୟ ୩୨, ସହିଦନଗରରେ ୨୬ଟି ବିମାନରେ ଠାକୁର ଭକ୍ତମାନଙ୍କ ଗହଣରେ ଆସି ପରସ୍ପର ସହିତ ମିଶି ଥାଆନ୍ତି। ପ୍ରକୃତରେ ଏହା ଏକ ଅପୂର୍ବ ଦୃଶ୍ୟ ହୋଇଥାଏ।

# ପ୍ରାର୍ଥୀ ଘୋଷଣା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା

**ଧାମନଗର,୨୭।୩(ସମିସ):** ୨୦୨୪ ସାଧାରଣ ନିର୍ବାଚନ ପାଇଁ ବୁଧବାର ବିଜୁ ଜନତା ଦଳ ପକ୍ଷରୁ ୭୧ଜଣ ବିଧାନସଭା ପ୍ରାର୍ଥୀଙ୍କ ନାମ ଘୋଷଣା କାରାଯାଇଛି। ଏଥିରେ ୪୬(ସଂ) ଧାମନଗର ନିର୍ବାଚନ ମଣ୍ଡଳୀର ସବୁ କଳ୍ପନାଜଳ୍ପନାର ଅନ୍ତ ଘଟାଇ ଶେଷେର ଡାକ୍ତର ସଞ୍ଜୟ ଦାସଙ୍କୁ ଦଳୀୟ ବିଧାୟକ ପ୍ରାର୍ଥୀ ଭାବେ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି। ଘୋଷଣା ପରେ ଡାକ୍ତର ଦାସ ପ୍ରତିକ୍ରିୟା ରଖିଛନ୍ତି, ମୋ ଉପରେ ଆସ୍ଥା ପ୍ରକଟ କରି ମୋତେ ବିଧାୟକ ପ୍ରାର୍ଥୀ ରୂପେ ମନୋନୀତ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ସହ କୃତଜ୍ଞତା ଜ୍ଞାପନ କରୁଛି। ଏଥି ସହିତ‘୫-ଟି’ ତଥା ‘ଆମ ଓଡ଼ିଶା ନବୀନ ଓଡ଼ିଶା’ ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ବିଜେଡି ରାଜ୍ୟ ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ସାଂସଦ ମଞ୍ଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନାୟକଙ୍କ ସେମତ ସମସ୍ତ ନେତୃମଣ୍ଡଳୀ ପ୍ରମୁଖଙ୍କୁ ମଧ୍ୟ ଶ୍ରୀ ଦାସ କୃତଜ୍ଞତା ଜଣାଇଛନ୍ତି। ଧାମନଗର ପାଇଁ ପ୍ରାର୍ଥୀ ଘୋଷଣା ପରେ ବିଜେଡି ମହଲରେ ଖୁସିରଲହରୀ ଖେଳିଯାଇଛି।



ଏହି ପରିପ୍ରେକ୍ଷୀରେ ୪ଜଣ ଜିଲ୍ଲା ପରିଷଦ, ବିଜେଡି ବ୍ଲକ ସଭାପତି, ମହିଳା ସଭାନେତ୍ରୀ, ବ୍ଲକ ଯୁବ ଛାତ୍ର ଓ ନଗର ସେମତ ସମସ୍ତ ପଞ୍ଚାୟତ ସଭାପତି ଏବଂ ମହିଳା ସଭାନେତ୍ରୀ, ନଗର ଯୁବ ଓ ଛାତ୍ର ସଭାପତି, ସଂଖ୍ୟାଲଘୁ ନେତା ପ୍ରମୁଖ ଡାକ୍ତର ସଞ୍ଜୟ କୁମାର ଦାସଙ୍କୁ ସ୍ୱାଗତ କରିବା ସହିତ ଆଗାମୀ ନିର୍ବାଚନରେ ବିପୁଳ ସଂଖ୍ୟାରେ ଭୋଟ ଦେଇ ଜୟଯୁକ୍ତ କରିବା ସହ ପ୍ରିୟ ମୁଖ୍ୟମନ୍ତ୍ରୀଙ୍କୁ ୬ଷ୍ଠ ଥର ମୁଖ୍ୟମନ୍ତ୍ରୀ କରିବା ପାଇଁ ଆହ୍ୱାନ ଦେଇଛନ୍ତି। ସୂଚନା ଯୋଗ୍ୟ ଧାମନଗର ଆସନ ପାଇଁ ବିଜେପି ଓ କଂଗ୍ରେସର ପ୍ରାର୍ଥୀ ଘୋଷଣା ହୋଇନାହାନ୍ତି।

# ମା’ପଦ୍ମଲୋଚନୀ କ୍ରିକେଟ୍ ପ୍ରତିଯୋଗିତା

**ବାରିକପୁର,୨୭।୩(ସମିସ):** ଭଣ୍ଡାରିପୋଖରୀ ବ୍ଲକ ରହଣିଆ ଗ୍ରାମପଞ୍ଚାୟତ ପୁରସ୍ତମପୁରଠାରେ ମା’ପଦ୍ମଲୋଚନୀ ରାତ୍ରିକାଳୀନ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାକୁ ବ୍ଲକ ଉପାଧ୍ୟକ୍ଷ ପ୍ରଣିତକାନ୍ତି ସାମଲ ଉଦଘାଟନ କରି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ୧୬ଟି ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ ଦେହୁଡ଼ି ଆନନ୍ଦପୁର ଓ ରାଜେନ୍ଦ୍ରପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ରାଜେନ୍ଦ୍ରପୁର ନିର୍ଦ୍ଧାରିତ ୮ ଓଭର ଖେଳି ୭ଟି ୱିକେଟ ହରାଇ ମାତ୍ର ୩୯ରନ ସଂଗ୍ରହ କରିଥିଲା। ଦେହୁଡ଼ି ଆନନ୍ଦପୁର ୪ଓଭର ଖେଳି ୪୦ ରନ୍ ସଂଗ୍ରହ କରି ବିଜୟ ଲାଭ କରିଥିଲା। ଅମ୍ପାୟର ଭାବେ ଜ୍ଞାନ ରଞ୍ଜନ ନାୟକ, ବିଶ୍ୱଜିତ ନାୟକ, ଚନ୍ଦନ ବେହେରା, ଲିପୁ ସାମଲ ଖେଳ ପରିଚାଳନା କରିଥିଲେ। ସ୍କୋରର ଭାବେ ସ୍ମୃତି ରଞ୍ଜନ ଧଳ, କାର୍ତ୍ତିକ ଧଳ,



ବିଶ୍ୱଜିତ ନାୟକ, ବିଶ୍ୱରଞ୍ଜନ ସାମଲ, ବିଶ୍ୱରଞ୍ଜନ ବେହେରା ଦାୟିତ୍ୱ ନିର୍ବାହ କରିଥିବା ବେଳେ ପ୍ରତ୍ୟୁଷ ସାହୁ ଓ ପ୍ରହଲ୍ଲାଦ ଜେନା ଧାରାବିବରଣୀ ପ୍ରଦାନ କରିଥିଲେ। ସାମ୍ବାଦିକ ଦୁର୍ଯୋଧନ ଲେଙ୍କାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ସଭାରେ ମୁଖ୍ୟଅତିଥି ଭାବେ ଥାନା ଅଧିକାରୀ ଅଜୟ ସୁଦର୍ଶନ ବାଗେ, ସମ୍ମାନୀତ ଅତିଥି ଯୁବ ନେତା ବିରେନ୍ଦ୍ର ନାୟକ, ନିର୍ମଳ ସାମଲ, ସମାଜସେବୀ ସୁକାନ୍ତ ରାଉଳ, ଦେବେନ୍ଦ୍ର ସାମଲ, ବିଦ୍ୟାଧର ଧଳ ପ୍ରମୁଖ ଯୋଗଦେଇ ଉଭୟ ଦଳକୁ ଟ୍ରଫି ଓ ଆର୍ଥିକ ରାଶି ସହିତ ପୁରସ୍କୃତ କରିଥିଲେ। ଆୟୋଜିତ ପ୍ରତିଯୋଗିତାକୁ କମଳାକାନ୍ତ ସାମଲ, ବିଳାସ ଧଳ, ପ୍ରଫୁଲ୍ଲ ସାମଲ, ଶମ୍ଭୁନାଥ ସାମଲ, ସତ୍ୟପ୍ରକାଶ ସାମଲ, ଜୟନ୍ତ ଧଳ ପ୍ରମୁଖ ପରିଚାଳନା କରିଥିଲେ।

# ରାମନଗରରେ ଦୋଳ ମେଳଣ

**ଭଦ୍ରକ,୨୭।୩(ସମିସ):** ରାମନଗରରେ ଐତିହାସିକ ଦୋଳ ମେଳଣ ମହାଆଡ଼ମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘବର୍ଷରୁ ଭଦ୍ରକ ବ୍ଲକ ଅଧୀନସ୍ଥ ଖଣ୍ଡତଡ଼ା ପଞ୍ଚାୟତର ରାମନଗର ଗାଁରେ ଦୋଳପୂର୍ଣ୍ଣିମା ପରଦିନ ପାଳିତ ହେବା ସହ ଆଖପାଖ ଅଞ୍ଚଳରୁ ହଜାରହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥାଏ। ଚଳିତ ବର୍ଷ ୨୨ଟି ଦୋଳ ବିମାନ ଯୋଗଦେଥିଲେ। ପ୍ରଥମେ ଥାନପତି ଭାବେ ଗ୍ରାମର ନିଜସ୍ୱ ବିମାନ ମହାଆଡ଼ମ୍ବରରେ ଏକ ବିଶାଳ ଶୋଭାଯାତ୍ରାରେ ଆସି ଦୋଳମଣ୍ଡପରେ ପହଞ୍ଚିଥିଲା। ପରେ ଅନ୍ୟାନ୍ୟ ବିମାନମାନ ଘଣ୍ଟା ଓ ମୃଦଙ୍ଗ ବାଦ୍ୟର ତାଳେତାଳେ ଆସି ଦୋଳମଣ୍ଡପରେ ପହଞ୍ଚିଥିଲେ। ପୁଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିବା ବେଳେ ଅଧିକାରୀଙ୍କ ସମେତ ମେଳଣ କମିଟିର କିଛି ସଦସ୍ୟ ତଥା ଉପଦେଷ୍ଟା କମିଟିର ସଦସ୍ୟମାନଙ୍କୁ ଦୋଳ ମେଳଣରେ ସମ୍ବର୍ଦ୍ଧିତ କରାଯାଇଥିଲା। କମିଟିର ପକ୍ଷରୁ ଅମୂଲ୍ୟ ଖୁଣ୍ଟିଆ, ଶ୍ରୀକାନ୍ତ ବାରିକ୍, ସୁବାଷ ପରିଡ଼ା, ପଦ୍ମନ ନାୟକ, ଉଦୟ ରାଉତ, ରବିନାରାୟଣ ଖୁଣ୍ଟିଆ, ସନ୍ତୋଷ ପରିଡ଼ା, ଆନନ୍ଦ



ରାଉତ, ରବିନ୍ଦ୍ର ଜେନା, ସୁବଳ ନାଥ, ଜଗନ୍ନାଥ ଦାସ, ପ୍ରଦୀପ ରାୟ ପ୍ରମୁଖଙ୍କ ସହଯୋଗରେ ମେଳଣ ଉତ୍ସବ ସଫଳ ହୋଇପାରିଛି। ଶେଷରେ ଦୂରଦୁରାନ୍ତରରୁ ଆସିଥିବା ଦୋଳକମିଟିର ମୁଖ୍ୟାମାନଙ୍କୁ ନେଇ ଭାଇ ମେଳଣ ହୋଇଥିଲା।

## ଯୁବକଙ୍କ ଆତ୍ମହତ୍ୟା

**ବନ୍ତ/ଆଗରପଡ଼ା,୨୭।୩(ସମିସ):** ବନ୍ତ ବ୍ଲକ ଛଆଳସିଂ ପଞ୍ଚାୟତ ଅନ୍ତର୍ଗତ ମଙ୍ଗୁଲି ଗ୍ରାମର ସଞ୍ଜୟ ଦାସଙ୍କ ଆତ୍ମହତ୍ୟାରେ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ସୂଚନାନୁଯାୟୀ, ସଞ୍ଜୟଙ୍କ ବନ୍ତ ବଜାରରେ ସ୍ମୃତି ନାମକ ଏକ ଷ୍ଟୁଡ଼ିଓ ଥିବାବେଳେ ସେ ଏଲଆଇସିର ଏଜେଣ୍ଟ ରୂପେ ମଧ୍ୟ କାର୍ଯ୍ୟ କରୁଥିଲେ। ସେ ବିବାହିତ ହୋଇଥିବାସ୍ଥଳେ ତାଙ୍କର ଗୋଟିଏ ପୁଅ ଓ ଝିଅ ମଧ୍ୟ ଅଛନ୍ତି। ପରିବାର ସହିତ ସେ ଭଦ୍ରକରେ ରହି ଆସୁଥିଲେ। କିଛି ଦିନ ହେବ ବିଭିନ୍ନ ଆଡୁ କରିଥିବା ଧାରକରଜକୁ ନେଇ ସେ ଚିନ୍ତାଗ୍ରସ୍ତ ଥିଲେ। ଗତ ମଙ୍ଗଳବାର ହୋଲି ଉପଲକ୍ଷେ ନିଜ ଗାଁ ମଙ୍ଗୁଲିକୁ ବୁଲିବାକୁ ଯାଇଥିଲେ। ବୁଧବାର ସକାଳୁ ତାଙ୍କ ଘରର ବାରିପଟେ ଥିବା ପୋଖରୀ ପାଖ ଗଛରେ ବେକରେ ଦଉଡ଼ି ଦେଇ ସେ ଆତ୍ମହତ୍ୟା କରିଥିବା ଗ୍ରାମବାସୀ ଦେଖିବାକୁ ପାଇଥିଲେ। ଏହା ଦେଖି ସେମାନେ ଆଗରପଡ଼ା ଥାନାକୁ ଖବର ଦେଇଥିଲେ। ପୁଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଶବକୁ ଉଦ୍ଧାର କରିବା ସହ ଏକ ମାମଲା ରୁଜୁକରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇଥିବା ଜଣାପଡ଼ିଛି।

## ବେଆଇନ ବାଲିଟ୍ରାକ୍ଟର ଜବତ

**ଭଣ୍ଡାରିପୋଖରୀ,୨୭।୩(ସମିସ):** ମଞ୍ଜୁରୀରୋଡ଼ ଫାଣ୍ଡି ଅନ୍ତର୍ଗତ ତୁଳପଦୀ ଛକରେ ବେଆଇନ ବାଲି ପରିବହନ କରୁଥିବା ଏକ ଟ୍ରାକ୍ଟରକୁ ପୁଲିସ ଜବତ କରି ମାମଲା ରୁଜୁ କରିଛି। ସୋମବାର ସନ୍ଧ୍ୟାରେ ବୈତରଣୀ ନଦୀର ଝୁଟୁଣା ଘାଟରୁ ବାଲି ଚୋରି କରି ପରିବହନ କରୁଥିବା ଓଡି-୨୨-୪୬୭୦ନଂ ଟ୍ରାକ୍ଟରକୁ ଫାଣ୍ଡି ପୁଲିସ ଜବତ କରିଥିଲା। ଆବଶ୍ୟକୀୟ କାଗଜପତ୍ର ଦେଖାଇ ନ ପାରିବାରୁ ଏହି ଟ୍ରାକ୍ଟରକୁ ଜବତ କରିବା ସହ ଚାଳକ ମଞ୍ଜୁରୀରୋଡ଼ ହାଟପଡ଼ିଆ ଗ୍ରାମର କୁଶ ସଏ(୨୨)କୁ ଗିରଫ କରିଥିବା ଜଣାଯାଇଛି। ଫାଣ୍ଡି ଅଧିକାରୀ ଈଶ୍ୱର ଚନ୍ଦ୍ର ବେହେରାଙ୍କ ଅଭିଯୋଗ କ୍ରମେ ଥାନାରେ ମାମଲା ରୁଜୁ ହେବା ସହ ଚାଳକକୁ କୋର୍ଟ ଚାଲାଣ କରାଯାଇଥିବା ଜଣାଯାଇଛି।

## ରଙ୍ଗ ପାଇଁ ଗଣ୍ଡଗୋଳ

### ଅଭିଯୋଗ ପାଇଁ ଯାଉଥିବାବେଳେ ଦୁର୍ଘଟଣାରେ ୩ ଆହତ

**ବାରିକପୁର,୨୭।୩(ସମିସ):** ଭଣ୍ଡାରିପୋଖରୀ ଥାନା ବାଲିପୋଖରୀ ପଞ୍ଚାୟତ କୋରକରା ଗ୍ରାମରେ ରଙ୍ଗଖେଳରୁ ଗଣ୍ଡଗୋଳ ଘଟିଛି। ଗତ୨୫ତାରିଖ ଦିନ ଜାତିଆଣ ଆକ୍ଷେପ କରି ଗୋଟିଏ ଗୋଷ୍ଠୀକୁ ଅପରପକ୍ଷ ଗାଳିଗୁଲଜ କରିବା ସହ ମାଡ଼ ମାରିବା ପୁଲିସ ନିକଟରେ ଅଭିଯୋଗ ହୋଇଛି। ସେହିଭଳି ଅପରପକ୍ଷ ମଧ୍ୟ ଥାନାରେ ପହଞ୍ଚି ସମାନ ଅଭିଯୋଗ କରିଛନ୍ତି। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଲା ଓଆର୨୨ଇ୫୮ ୭୩ ଟାଟା ମ୍ୟାଜିକରେ ଥାନାକୁ ଆସୁଥିବାବେଳେ ବୟା ନିକଟରେ ଏହା ଦୁର୍ଘଟଣା ହୋଇଥିଲା। ଗାଡ଼ି ଚାଳକ ଫନିଲ ଘଡ଼ାଇ, ଶୟନା ଘଡ଼ାଇ, ଅନୀଲ ଘଡ଼ାଇ ଏଥିରେ ଆହତ ହୋଇଥିଲେ। ସ୍ଥାନୀୟ ଲୋକ ଆହତଙ୍କୁ ଉଦ୍ଧାର କରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ପ୍ରାଥମିକ ଚିକିତ୍ସା କରାଇଥିବାବେଳେ ସେମାନଙ୍କ ମଧ୍ୟରୁ ଜଣକୁ ଅଧିକ ଚିକିତ୍ସା ପାଇଁ କଟକ ପଠାଯାଇଛି। ଘଟଣାଟି ଆଲୋଚ୍ୟର ବିଷୟ ପାଲଟିଛି।

## ରାଖାଲ ଜିଣିଲେ ସ୍ୱର୍ଣ୍ଣ

**ଭଣ୍ଡାରିପୋଖରୀ,୨୭।୩(ସମିସ):** ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ କୁଲଣା ଗ୍ରାମର ଭିନ୍ନକ୍ଷମ କ୍ରୀଡ଼ାବିତ୍ ରାଖାଲ ଚନ୍ଦ୍ର ସେଠୀ ଜାତୀୟ ହୁଇଲଚେୟାର ଫେନ୍ସିଂ ଚାମ୍ପିଅନସିପରେ ସ୍ୱର୍ଣ୍ଣ ପଦକ ଜିଣିଥିବା ଜଣାଯାଇଛି। ଚେନ୍ନାଇର କୋଏମ୍ବାଟୁର ଠାରେ ଅନୁଷ୍ଠିତ ୧୬ତମ ଜାତୀୟ ହୁଇଲଚେୟାର ଫେନ୍ସିଂ ଚାମ୍ପିଅନସିପରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରି ରାଖାଲ ବ୍ୟକ୍ତିଗତ ଓ ଦଳଗତ ଭାବେ ସ୍ୱର୍ଣ୍ଣ ପଦକ ଜିଣି ରାଜ୍ୟ ତଥା ଜିଲ୍ଲା ପାଇର୍ ଗୌରବ ଆଣିଛନ୍ତି। କୋଚ୍ ବଳଦୀପ ସହୋତାଙ୍କ ଦ୍ୱାରା ପ୍ରଶିକ୍ଷିତ ରାଖାଲ ବିଭିନ୍ନ ଜାତୀୟ ହୁଇଲଚେୟାର ଫେନ୍ସିଂ ଚାମ୍ପିଅନସିପରେ ବହୁ ପଦକ ଜିଣିବାରେ ସକ୍ଷମ ହୋଇପାରିଛନ୍ତି।



# ଭଣ୍ଡାରିପୋଖରୀରେ ହୋଲି ଓ ଦୋଳପର୍ବ ପାଳିତ

**ଭଣ୍ଡାରିପୋଖରୀ,୨୭।୩(ସମିସ):** ଭଣ୍ଡାରିପୋଖରୀର ରଙ୍ଗର ପର୍ବ ହୋଲି ଓ ରାଧାକୃଷ୍ଣଙ୍କ ଦୋଳ ଉତ୍ସବ ପାଳିତ ହୋଇଛି। ବ୍ଲକର ଷୋଳମପୁର, ମାଳଦା, ନପଙ୍ଗ, ରହଣିଆ ଓ ବାଲିପୋଖରୀ(ଆଂଶିକ) ଆଦି ପଞ୍ଚାୟତରେ ସୋମବାର ଓ ଅନ୍ୟାନ୍ୟ ପଞ୍ଚାୟତରେ ମଙ୍ଗଳବାର ରଙ୍ଗର ପର୍ବ ହୋଲି ଶାନ୍ତିଶୃଙ୍ଖଳାର ସହ ପାଳନ କରାଯାଇଥିଲା। ବିଭିନ୍ନ ବର୍ଗର ଜନସାଧାରଣ ପରସ୍ପରକୁ ରଙ୍ଗାୟିତ କରିଥିଲେ। ଫଗୁଦଶମୀ ଠାରୁ ଆରମ୍ଭ ହୋଇଥିବା ଏହି ସମୟ ମଧ୍ୟରେ ସୁସଜ୍ଜିତ ବିମାନରେ ରାଧାକୃଷ୍ଣ ଯୁଗଳମୂର୍ତ୍ତିଙ୍କୁ ବସାଇ ଗ୍ରାମଦାଣ୍ଡରେ ଶୋଭାଯାତ୍ରାରେ ବୁଲାଯାଇଥିଲା। ବିଭିନ୍ନ ବାଦ୍ୟ ସହିତ ଛତ୍ରି, ତ୍ରାଶ, ବାନା, ଫୁଲଗଛ ପ୍ରଭୃତିରେ ଗାଁ ଦାଣ୍ଡ ସଜ୍ଜିତ ହୋଇ କୃଷ୍ଣ ଚେତନାରେ କୁସୁମିତ ହୋଇ ଉଠିଥିଲା। ବର୍ଷରେ ମାତ୍ର ଗୋଟିଏ ଦିନ ପ୍ରଭୁ ଭକ୍ତର ଦ୍ୱାରରେ ପହଞ୍ଚି ସ୍ନେହ ଓ ପ୍ରେମର ଅବିର ଖେଳି ରଙ୍ଗାୟିତ ହୋଇଥିଲେ। କେତେକ ସ୍ଥାନରେ ମେଳନ ଅନୁଷ୍ଠିତ ହୋଇ ଅପେରା, ସୁଆଙ୍ଗ ପ୍ରଭୃତି ପ୍ରଦର୍ଶିତ ହୋଇଥିଲା। ପୂର୍ଣ୍ଣିମା ଦିନ ଘର ଧୌତ କରାଯାଇ ଉପାସନା କରାଯାଇଥିଲା। ଭଣ୍ଡାରିପୋଖରୀର ବିଭିନ୍ନ ଗ୍ରାମରେ



୫୦ରୁ ଅଧିକ ରାଧାକୃଷ୍ଣଙ୍କ ମୃଣ୍ମୟ ମୂର୍ତ୍ତି ପୂଜା ପାଉଛି। ମଣିନାଥପୁର, ଷୋଳମପୁର, ଥଇଲା ମଝିସାହି, ମନ୍ତାଗଡ଼ିଆ, ନେରଡ଼ା, ବାଲିପୋଖରୀ, ତିଖିଲିଆ, ଆଖୁଆପଦା ଓ ଜଗନ୍ନାଥପ୍ରସାଦରେ ଦୋଳଗୋବିନ୍ଦ ପୂଜା ଅନୁଷ୍ଠିତ ହୋଇଛି। ଏହି ଅବସରରେ ବିଭିନ୍ନ ଗ୍ରାମରେ ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା।

# ସମବାୟ ସମିତି ବାର୍ଷିକ ସାଧାରଣ ସଭା

**ବନ୍ତ/ଆଗରପଡ଼ା,୨୭।୩(ସମିସ):** ବନ୍ତ ବ୍ଲକ ପୁରୁଷଣ୍ଡ ସେବା ସମବାୟ ସମିତିର ୫୫ତମ ବାର୍ଷିକ ସାଧାରଣ ସଭା ପୁରୁଷଣ୍ଡ ସେବା ସମବାୟ ସମିତି ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ପ୍ରଶାନ୍ତ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ରାମଚନ୍ଦ୍ର ନାୟକ, ରବିନ୍ଦ୍ର ଆଇଚ, ଗୋବିନ୍ଦ ଶତପଥି, ଦିଲ୍ଲୀପ ପୁହାଣ, ସରପଞ୍ଚ ପ୍ରକାଶ ବିଶ୍ୱାଳ, ଚକ୍ରଧର ପାଣିଗ୍ରାହୀ, ଅମୁଲ୍ୟରତ୍ନ ନନ୍ଦ ପ୍ରମୁଖଙ୍କ ସମେତ ବୋର୍ଡ ସଦସ୍ୟମାନେ ଉପସ୍ଥିତ ରହି ସମିତିର ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ପାଦକ ରାଜେନ୍ଦ୍ର ବେଜ ସମିତିର ବାର୍ଷିକ ବିବରଣୀ ପାଠ କରିଥିଲେ।




# ଦୁର୍ଘଟଣାରେ ପଞ୍ଚାୟତ ବିଜେଡି ସଭାପତିଙ୍କ ବିୟୋଗ

**ବାରିକପୁର,୨୭।୩(ସମିସ):** ଭଣ୍ଡାରିପୋଖରୀ ବ୍ଲକ ନଗୁଆଁ ଗ୍ରାମ ପଞ୍ଚାୟତ ବିଜେଡି ସଭାପତି ଜୟନ୍ତ ମହାନ୍ତିଙ୍କ ଅକାଳ ବିୟୋଗ ହୋଇଛି। ଗତ ମଙ୍ଗଳବାର ରାତି ପ୍ରାୟ ୯ଟା ବେଳେ ସେ କହାରପୋଖରୀ ସତସଙ୍ଗ ବିହାରଠାରୁ ନିଜ ଘର ବାହାଦଲପୁରକୁ ଆସୁଥିଲେ। ଏହି ସମୟରେ ଦ୍ରୁତ ଗତିରେ ଆସୁଥିବା ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଭଦ୍ରକ ମେଡିକାଲ ନିଆଯାଇଥିବାବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଖବର ପାଇ ବିଧାୟକଙ୍କ ପ୍ରତିନିଧି ଇଂ.ପ୍ରୟାସକାନ୍ତି ସାମଲ, ବରିଷ୍ଠ ନେତା ଦିଲ୍ଲୀପ ନାୟକ, ଜିଲ୍ଲା ବିଜେଡି ସମ୍ପାଦକ ଶ୍ୟାମସୁନ୍ଦର ନାୟକ ପ୍ରମୁଖ ମେଡିକାଲଠାରେ ପହଞ୍ଚି ପାର୍ଥିବ ଶରୀରକୁ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଶବ ଶୋଭାଯାତ୍ରାରେ ବ୍ଲକ ଉପାଧ୍ୟକ୍ଷ ପ୍ରଣିତକାନ୍ତି ସାମଲ, ଜିଲ୍ଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ, ନାରିନେତ୍ରୀ ମାନସୀ ନାୟକ, ନିଳାମ୍ବର ସାହୁ, ଜଗନ୍ନାଥ ନାୟକ ପ୍ରମୁଖ ଉପସ୍ଥିତ ରହି ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଗାଁ ମଶାଣିରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ତାଙ୍କ ଅକାଳ ବିୟୋଗ ଯୋଗୁଁ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।



# ନୃସିଂହ ସାହିତ୍ୟ ସ୍ମୃତି ପରିଷଦ ପକ୍ଷରୁ ହୋଲି ଓ କବିତା ପାଠୋତ୍ସବ

**ଦୋବଲ,୨୭।୩(ସମିସ):**




ଦୋବଲ ସ୍ଥିତ ବୈଦିକ ଯଜ୍ଞମଣ୍ଡପ ପରିସରରେ ଶିକ୍ଷାବିତ ହୃଦାନନ୍ଦ କରଙ୍କ ସଭାପତିତ୍ୱରେ ନୃସିଂହ ସାହିତ୍ୟ ପାରିଷଦ ପକ୍ଷରୁ ହୋଲି ଆଶର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସରପଞ୍ଚ ଅଶୋକ ପଣ୍ଡା, ବୈଦିକ ଯଜ୍ଞ ପରିଷଦର ସଭାପତି କୃତିବାସ ତ୍ରିପାଠୀ, ସମ୍ପାଦକ ପ୍ରମୋଦ ନାୟକ, ଶିକ୍ଷାବିତ ସିଦ୍ଧେଶ୍ୱର ସାମଲ, ସାମ୍ବାଦିକ ପ୍ରଦୀପ ମହାପାତ୍ର, ପ୍ରଶାନ୍ତ କୁମାର ସାହୁ, ସମାଜସେବୀ ରତିକାନ୍ତ ପରିଡ଼ା, ପ୍ରଭାତ ସାମଲ, ପ୍ରିୟରଞ୍ଜନ ସାମଲ ପ୍ରମୁଖ ଯୋଗଦେଇ ହୋଲି ପର୍ବ ଏକ ଜାତୀୟ ସମ୍ପର୍କରେ ଅତିଥିମାନେ ମତ ରଖିଥିଲେ। ସମ୍ପାଦକ ମନୋଜ କୁମାର ଜେନା ସ୍ୱାଗତ ଓ ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ କମଳାକାନ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଜୟଶ୍ରୀ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ବାସୁଦେବପୁର,୨୭।୩(ସମିସ)**

ବାସୁଦେବପୁର ଅଟଳ ବିହାରୀ ମହାବିଦ୍ୟାଳୟ ଖେଳପଡ଼ିଆରେ ଉତ୍କଳିକା ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ସ୍ୱର୍ଗତ ମନ୍ତ୍ରୀ ବିଜୟଶ୍ରୀ ରାଉରାୟଙ୍କ ସ୍ମୃତି ଉଦ୍ଦେଶ୍ୟରେ ବିଜୟଶ୍ରୀ ଟ୍ରଫି ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଅନୁଷ୍ଠିତ ଉଦଘାଟନ ଉତ୍ସବରେ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଶ୍ରୀ ରାଉତରାୟଙ୍କ ପୁତ୍ର ଦ୍ୱୟ ସ୍ଥାନୀୟ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଓ ଦୂର୍ଗାଦ ରାଉରାୟଙ୍କ ସମେତ ପୌରାଧକ୍ଷା ନିବେଦିତା ବେହେରା, ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ, ବ୍ଲକ ସଭାପତି ଦୀନବନ୍ଧୁ ଦାସ, ଶିଳ୍ପପତି ଶୁଭେନ୍ଦୁ ଭୂଷଣ ବେହେରା, ପୂର୍ବତନ ସରପଞ୍ଚ ଭାଗୀରଥି ବଳ, ପୌର ଉପାଧ୍ୟକ୍ଷ ଉତ୍ତମ କୁମାର ବାରିକ ପ୍ରମୁଖ ଯୋଗଦେଇ ଉଦ୍‌ଘାଟନ କରିବା ସହିତ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ। ମନ୍ତ୍ରୀ ଟୁର୍ଣ୍ଣାମେଣ୍ଟର ପ୍ରଥମ ଦିବସରେ ବାଲେଶ୍ୱରର ୟୁ ଏଣ୍ଡ ମି କ୍ଲବ, ଭଦ୍ରକ ୟୁନିକ କ୍ଲବ ଓ କଟକ ନିମପୁର କ୍ଲବ, କେନ୍ଦୁଝର ଶଙ୍କର କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବୁଧବାର ସକାଳେ ଟସ୍ ଜିତି ବାଲେଶ୍ୱର ଦଳ ୨୦ ଓଭରରେ ବ୍ୟାଟିଂ କରି ୧୨୨ ରନର ଲକ୍ଷ୍ୟ ଭଦ୍ରକ ଦଳ ସମ୍ମୁଖରେ ରଖିଥିଲା।୧୨୨ ରନର ବିଜୟ ପାଇଁ ଭଦ୍ରକ ଦଳ ସଂଘର୍ଷ କରି ମାତ୍ର ୯୭ ରନରେ ସୀମିତ ରହି ପରାଜିତ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚରେ କେନ୍ଦୁଝର ଦଳ ପ୍ରଥମେ ବ୍ୟାଟିଂ କରି ୭୬ ରନ ସଂଗ୍ରହ କରିଥିଲେ। ଏହି ସହଜ ବିଜୟ ଲକ୍ଷକୁ କଟକ ଦଳର ବ୍ୟାଟ୍ସମ୍ୟାନମାନେ ମାତ୍ର ୧୦ ଓଭରରେ ଧାର୍ଯ୍ୟଲକ୍ଷ୍ୟକୁ ପାର କରି ବିଜୟ ହାସଲ କରିଥିଲେ। ଆଜିର ଖେଳକୁ ସାର୍ଥକ ବିଶ୍ୱାଳ ଓ ଦେବବ୍ରତ ଦାଶ ଅମ୍ପାୟାର ଭାବେ ପରିଚାଳନା କରିଥିବା ବେଳେ ବୁବୁ ସିହ୍ନା ଓ କୁମାର ସୁନା ଭାଷ୍ୟକାର ଭାବେ ଦାୟିତ୍ୱ ତୁଲାଇଥିଲେ। କ୍ଲବର ସମ୍ପାଦକ ରଞ୍ଜନ ମହାପାତ୍ରଙ୍କ ସମେତ କାଳନ୍ଦୀ ସାହୁ, ଶୁଶାନ୍ତ ସେଠୀ, ଶଶିଭୂଷଣ ବାରିକ, ଆଲୋକ ବାରିକ, ଶରତ ବାରିକ, ଅଲେଖ ବେହେରା, ଦିପ୍ତୀରଞ୍ଜନ ନାୟକ, ଅମର ପାଢ଼ୀ, ଡିଜେ ପଣ୍ଡା, ସତ୍ୟସୁନ୍ଦର ମହାକୁଡ଼ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

**ବିଜେଡିର ୫ ବିଧାନସଭା ପାଇଁ ପ୍ରାର୍ଥୀ ଘୋଷଣା**

# ଭଦ୍ରକ ଓ ଭଣ୍ଡାରିପୋଖରୀ ଆସନରେ ଅଦଳବଦଳ


ସଞ୍ଜୀବ ମଲ୍ଲିକ | ପ୍ରଫୁଲ୍ଲ ସାମଲ | ବିଷ୍ଣୁବ୍ରତ ରାଉତରାୟ | ଡା.ସଞ୍ଜୟ ଦାସ | ବ୍ୟୋମକେଶ ରାୟ

**ଭଦ୍ରକ, ୨୭ ।୩(ସମିସ):** ଭଦ୍ରକ ଜିଲ୍ଲାର ୫ଟି ବିଧାନସଭା ଆସନ ପାଇଁ ବିଜେଡି ପକ୍ଷରୁ ପ୍ରାର୍ଥୀ ଘୋଷଣା କରାଯାଇଛି। ଏହି ପ୍ରାର୍ଥୀ ଘୋଷଣା ପରେ ଗତ କିଛିଦିନ ଧରି ପ୍ରାର୍ଥିତ୍ୱକୁ ନେଇ ଉଠିଥିବା କଳ୍ପନାଜଳ୍ପନାର ଅବସାନ ଘଟିଛି। ଆଜି ବିଜେଡି ସୁପ୍ରିମୋ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୭୧ଟି ବିଧାନସଭା କ୍ଷେତ୍ରର ଦଳୀୟ ଟିକଟ ଘୋଷଣା କରିଥିବାବେଳେ ଭଦ୍ରକ ଜିଲ୍ଲାର ସମସ୍ତ ୫ଟି ବିଧାନସଭା ଆସନର ଦଳୀୟ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛନ୍ତି। ବିଜେଡିର ପ୍ରାର୍ଥୀ ତାଲିକାରେ ଭଣ୍ଡାରିପୋଖରୀ ବିଧାନସଭା ଆସନ ଓ ଭଦ୍ରକ ବିଧାନସଭା ଆସନରେ ପ୍ରାର୍ଥୀଙ୍କୁ ଅଦଳବଦଳ କରିଛି ଦଳ। ଭଣ୍ଡାରିପୋଖରୀ ଆସନରେ ବିଜେଡିରୁ ଲଗାତର ତିନିଥର ଲାଗି ବିଧାୟକ ଭାବେ ବିଜୟୀ ହୋଇଥିବା ବରିଷ୍ଠ ନେତା ପ୍ରଫୁଲ୍ଲ ସାମଲଙ୍କୁ ଦଳ ଭଦ୍ରକ ବିଧାନସଭା ଆସନରୁ ପ୍ରାର୍ଥୀ କରିଛି। ସେହିପରି ଭଦ୍ରକର ଯୁବ ବିଧାୟକ ସଞ୍ଜୀବ କୁମାର ମଲ୍ଲିକଙ୍କୁ ଦଳ ଭଣ୍ଡାରିପୋଖରୀ ଆସନରେ ପ୍ରାର୍ଥୀ କରିଛି। ତେବେ ଦଳ ବାସୁଦେବପୁର ଓ ଚାନ୍ଦବାଲି ବିଧାନସଭା ଆସନରେ ପ୍ରାର୍ଥୀଙ୍କୁ ଅପରିବର୍ତ୍ତିତ ରଖିଛି। ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟଙ୍କ ଉପରେ ଦଳ ପୁନଃ ଆସ୍ଥା ପ୍ରକଟ କରିଛି। ବ୍ୟୋମକେଶ ଏଥରକୁ ମିଶାଇ ତୃତୀୟ ଥର ଲଗାତର ଦଳୀୟ ଟିକଟ ପାଇଛନ୍ତି। ଅନୁରୂପ ଭାବେ ବାସୁଦେବପୁର ବିଧାନସଭା ଆସନରୁ ପୁଣିଥରେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଦଳୀୟ ଟିକଟ ପାଉଛନ୍ତି। ଧାମନଗର ଆସନରେ ଏଥର ନୂଆମୁହଁ ଭାବେ ଡାକ୍ତର ସଞ୍ଜୟ ଦାସଙ୍କ ନାମ ଘୋଷଣା କରାଯାଇଛି। ସେହିଭଳି ଧାମନଗର ସଂରକ୍ଷିତ ବିଧାନସଭା ଆସନରେ ବିଜେଡି ଜଣେ ନୂଆ ପ୍ରାର୍ଥୀଙ୍କୁ ମଇଦାନକୁ ଛାଡ଼ିଛି। ସେ ହେଉଛନ୍ତି ଡାକ୍ତର ସଞ୍ଜୟ କୁମାର ଦାସ। ଗତ ଉପ-ନିର୍ବାଚନ ବେଳେ ଡାକ୍ତର ଶ୍ରୀ ଦାସଙ୍କ ନାମ ପ୍ରାର୍ଥୀ ତାଲିକାରେ ଚର୍ଚ୍ଚାକୁ ଆସିଥିଲା।

# ୩ଶହ ବର୍ଷର ଐତିହାସିକ କାଳିମେଘା ମେଳଣ ଉଦ୍‌ଯାପିତ




**ତିହିଡ଼ି, ୨୭।୩(ସମିସ)**

ତିହିଡ଼ି ବ୍ଲକ ଅନ୍ତର୍ଗତ ମୁକୁନ୍ଦପୁର ପଞ୍ଚାୟତ ଅଧୀନ କାଳିମେଘା ମେଳନପଡ଼ିଆରେ ଅନୁଷ୍ଠିତ ଐତିହାସିକ କାଳିମେଘା ମେଳନ ୩ ଶତାବ୍ଦୀର ମହନୀୟ ପରମ୍ପରାରେ ସମୃଦ୍ଧ। ଓଡ଼ିଶାର ଅନ୍ୟ ସ୍ଥାନରେ ଅନୁଷ୍ଠିତ ହେଉଥିବା ମେଳନଗୁଡ଼ିକ ପରି ଏହି ମେଳନର ମଧ ସ୍ୱତନ୍ତ୍ର ମର୍ଯ୍ୟାଦା ରହିଛି। ୧୭୦୨ରୁ ଏହି ମେଳନ ଅନୁଷ୍ଠିତ ହୋଇ ଆସୁଛି। ପ୍ରତି ବର୍ଷ ଦୋଳ ପୂର୍ଣ୍ଣିମା ରାତିରେ ଏହି ମେଳନ ଆରମ୍ଭ ହୋଇ ପରଦିନ ସନ୍ଧ୍ୟାରେ ଶେଷ ହୋଇଥାଏ। ତାଳପଦା ଗ୍ରାମର ସାମନ୍ତରାୟ ଜମିଦାର ବଂଶଙ୍କ ଶ୍ରୀ ଗୋପୀନାଥଜୀଉ ବିମାନ 'ବତିମରା' ପଦାରେ ପ୍ରବେଶ କରି ଥାନପତି ଆସନରେ ବସିଥାନ୍ତି। ଏହି ଥାନପତିଙ୍କ ପ୍ରବେଶ ପରେ ଅନ୍ୟ ୫ଗୋଟି ବିମାନ ପ୍ରବେଶ କରନ୍ତି। ପରେ ସୟା ଗ୍ରାମର ଶ୍ରୀ ଦାମୋଦରଜୀଉ ବିମାନ ପଦାକୁ ନଯାଇ ଶ୍ରୀ ଦଧିବାମନଜୀଉଙ୍କୁ ଦର୍ଶନ କରି ବାଟରେ ରହି ଯାଆନ୍ତି। ବତିମରା ପଦାରୁ ବିମାନଗୁଡ଼ିକ କ୍ରମ ଅନୁସାରେ ଶୋଭାଯାତ୍ରାରେ ବାହାରି ବାଟରେ ଦଧିବାମନଙ୍କୁ ଦର୍ଶନ କରି ମେଳନ ପଡ଼ିଆକୁ ପ୍ରବେଶ କରିବା ସହ ନିଜନିଜ ଆସ୍ଥାନରେ ବସିଥାନ୍ତି। ସୁସଜ୍ଜିତ ବିମାନ ଶୋଭାଯାତ୍ରା ସମୟରେ ନାଚ, ଗୀତ, ସଂକୀର୍ତ୍ତନ, ଅବିର ଖେଳ ସହ ଆକର୍ଷଣୀୟ ଆଲୋକ ସଜ୍ଜା ଭକ୍ତଙ୍କ ମନମୁଗ୍ଧ କରିଥାଏ। ବିଶେଷ କରି ବତିମରା ପଦାରୁ ମେଳନ ପଡ଼ିଆ ଯାଏଁ ରାସ୍ତା ଦୁଇ ପାର୍ଶ୍ୱରେ ଅପେକ୍ଷାରତ ହଜାରହଜାର ଲୋକଙ୍କ ଉପସ୍ଥିତି ମେଳନର ଶୋଭା ବର୍ଦ୍ଧନ କରାଥାଏ। ଦୋଳ ପୂର୍ଣ୍ଣମୀର ପରଦିନ ଅପରାହ୍ଣରେ ଶ୍ରୀଶ୍ରୀ ଦଧିବାମନଜୀଉ ମେଳନ ପଡ଼ିଆକୁ ପ୍ରବଶ କରିବା ମାତ୍ରେ ଶ୍ରୀ ରାଧାବଲ୍ଲଭ ଜୀଉଙ୍କ ସହିତ ଅନ୍ୟ ସମସ୍ତ ବିମାନ ମେଳନ ପଡ଼ିଆରୁ ବିଦାୟ ନେଇଥାନ୍ତି। ଶ୍ରୀ ଦଧିବାମନ ଜୀଉ ମେଳନ ପଡ଼ିଆକୁ ଶୋଭାଯାତ୍ରାରେ ଆସୁଥିବାବେଳେ ଭକ୍ତମାନେ ପରସ୍ପର ମଧ୍ୟରେ କାଦୁଅ ଖେଳିବା ଦୃଶ୍ୟ ସମସ୍ତଙ୍କ ମନରେ ଭିନ୍ନ ଏକ ଚେତନା ସୃଷ୍ଟି କରିଥାଏ। ଏହି ମେଳନରେ ଆଖପାଖ ଅଞ୍ଚଳରୁ ୭୫ରୁ ଅଧିକ ସୁସଜ୍ଜିତ ଦୋଳ ବିମାନଗୁଡ଼ିକ ଯୋଗଦେଇ ଭୋଗ ପାଇଥାନ୍ତି। ନିଆରା ପରମ୍ପରା ହେଉଛି, ଏହି ମେଳନ ଅବିରରୁ ଆରମ୍ଭ ହୋଇ କାଦୁଅ ଖେଳରୁ ଶେଷ ହୁଏ। ଯୁବକଯୁବତୀମାନେ ରଙ୍ଗବେରଙ୍ଗର ଅବିର କିଣି ପରସ୍ପର ମଧ୍ୟରେ ବୋଳି ହୋଇଥାନ୍ତି। ମେଳନ ଉପଲକ୍ଷେ ଜିଲ୍ଲା ତଥା ଜିଲ୍ଲା ବାହାରୁ ବ୍ୟବସାୟୀମାନେ ବିଭିନ୍ନ ସାମଗ୍ରୀର ପସରା ମେଲାଇଥାନ୍ତି। ହଜାରହଜାର ଭକ୍ତଙ୍କ ସମାଗମରେ ମେଳନପଡ଼ିଆଟି ଭରପୁର ହେବା ସାଙ୍ଗକୁ ସାମଗ୍ରୀର କିଣାବିକାରେ ବେଶ ଚଳଚଞ୍ଚଳ ହୋଇ ଉଠିଥାଏ ମେଳନପଡ଼ିଆ। ଉଦଯାପନୀ ପୂର୍ବରୁ ସ୍ଥାନୀୟ ବିଧାୟକ ବିଷ୍ଣୁବ୍ରତ ରାଉତରାୟ, କାଳିମେଘା ମେଳନ କମିଟି ସଭାପତି ବାଣୀକଲ୍ୟାଣ ମହାପାତ୍ର, ସମ୍ପାଦକ ଗଣେଶ ନାୟକ, ତିହିଡ଼ି ଥାନା ଆଇଆଇସି ପ୍ରସନ୍ନ ନାୟକ, ପ୍ରାକ୍ତନ ସରପଞ୍ଚ-କୀର୍ତ୍ତନ ରାଉତ, ଅଜୟ ରାଉତ ପ୍ରମୁଖ ଉପସ୍ଥିତ ରହି କାଳିମେଘା ମେଳନ କମିଟିର କର୍ମକର୍ତ୍ତା ଓ ପୁଲିସ ପ୍ରଶାସନ ମେଳନର ଶାନ୍ତିଶୃଙ୍ଖଳା ରକ୍ଷା ଦିଗରେ ସବୁ ପ୍ରକାର ଉଦ୍ୟମ କରିଥାଆନ୍ତି। ପ୍ରେମ ଓ ବନ୍ଧୁତାର ନିଦର୍ଶନ ଏହି ଐତିହାସିକ କାଳିମେଘା ମେଳଣରେ ହଜାରହଜାର ଭକ୍ତଙ୍କ ସମାଗମ ହୋଇଥିଲା।

# ସ୍ୱାଧୀନତା ସଂଗ୍ରାମୀ ଗୟାଧର ବାରିକଙ୍କ ସ୍ମୃତି ସମାରୋହ




**ଭଦ୍ରକ, ୨୭।୩(ସମିସ):** ଭଦ୍ରକ ଜିଲ୍ଲା ସଂସ୍କୃତି ଭବନରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ସର୍ବୋଦୟ ସଂଗଠକ ତଥା ଗାନ୍ଧୀବାଦୀ ଉତ୍କଳ ଜ୍ୟୋତି ଗୟାଧର ବାରିକଙ୍କ ୧୪ତମ ସ୍ମୃତି ସମାରୋହ ଅନୁଷ୍ଠିତ ହୋଇଯାଇଛି। ସ୍ମୃତି ସଂସଦର ସ୍ଥାୟୀ ସଭାପତି ଡ. ଭାଗବତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ଗାନ୍ଧୀବାଦୀ, ଅଧିବକ୍ତା ପ୍ରହଲ୍ଲାଦ ସିଂ ଯୋଗଦେଇ ତାଙ୍କ ବକ୍ତବ୍ୟରେ ଭଦ୍ରକ ସହ ଗାନ୍ଧିଜୀଙ୍କ ସମ୍ପର୍କ ଓ ମାର୍ଚ୍ଚ୨୫ ତାରିଖର ସମ୍ପର୍କରେ ଅବତାରଣା କରି ସ୍ୱାଧୀନତା ସଂଗ୍ରାମରେ ଭଦ୍ରକର ସଂଗ୍ରାମୀଙ୍କ ଅବଦାନ ବିଷୟରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ରାଜ୍ୟ ସମ୍ପାଦକ ସର୍ବୋଦୟ ମଣ୍ଡଳ, ସମାଜସେବୀ ବିନୋଦ ମହାନ୍ତି ଯୋଗଦେଇ ସେ କିପରି ଗୟାଧର ବାରିକଙ୍କ ସହ ୧୯୬୬ରେ କୋରାପୁଟରେ ପରିଚିତ ହୋଇଥିଲେ। ତାଙ୍କର ସରଳ ଅମାୟିକ ବ୍ୟବହାରରେ ପ୍ରଭାବିତ ହୋଇଥିଲେ ତା'ର ପ୍ରତ୍ୟକ୍ଷ ଅବତାରଣା କରିଥିଲେ। ସର୍ବୋଦୟ ଆନ୍ଦୋଳନ ସହ ଜଡ଼ିତ ହୋଇ ଗୟାଧର ବାବୁ କିପରି ମା' ରମାଦେବୀ, ନବକୃଷ୍ଣ ଚୌଧୁରୀଙ୍କ ସହ ଅତି ଘନିଷ୍ଠ ସମ୍ପର୍କ ସ୍ଥାପନ କରିପାରିଥିଲେ ତା'ର କେତେକ ଉଦାହରଣ ଉପସ୍ଥାପନା କରିଥିଲେ। ବିଶିଷ୍ଟ ବକ୍ତା ଭାବେ ସାହିତ୍ୟିକ ଓ ଶିକ୍ଷାବିତ ଡ. ବ୍ରଜମୋହନ ମିଶ୍ର ଯୋଗ ଦେଇଥିବାବେଳେ ବିଶିଷ୍ଟ ସମାଜସେବୀ ତଥା ସଂଗ୍ରାମୀ ବୈଲଚନ ଜେନା ଯୋଗଦେଇ ସ୍ୱର୍ଗତ ବାରିକଙ୍କ କେତେକ ନୈତିକ ଓ ସାମାଜିକ ଦିଗ ଉପରେ କେତେକ ଦିଗ ଉପରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ପ୍ରେମ ପୃଥିବୀ ପତ୍ରିକାର ସମ୍ପାଦକ କୈଳାସ ପଣ୍ଡା ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିବାବେଳେ ଶିକ୍ଷାବିତ୍ ଗୟାଧର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ସେହିପରି ସ୍ୱର୍ଗତ ବାରିକଙ୍କ ଜ୍ୟେଷ୍ଠା କନ୍ୟା ତଥା ଲେଖିକା ଶାନ୍ତିଲତା ନାଗ ତାଙ୍କ ପିତାଙ୍କ ଜୀବନ ଶୈଳୀ ସମ୍ପର୍କରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ। ଗାନ୍ଧୀ ଓଡ଼ିଶା ବାଳାଶ୍ରମର ସମ୍ପାଦକ ଅଶୋକ କୁମାର ଦାସ ଗୟାଧର ବାରିକଙ୍କ ଗାନ୍ଧୀ ଓଡ଼ିଶା ବାଳାଶ୍ରମ ସହ ସମ୍ପର୍କ ଓ ତାଙ୍କର ପିତା ତଥା ପ୍ରାକ୍ତନ ସମ୍ପାଦକ କପିଳଚରଣ ଦାସଙ୍କ ସହ ନିବିଡ଼ ସମ୍ପର୍କ ବିଷୟରେ ଆଲୋକପାତ କରିଥିଲେ। ସେହିପରି ସ୍ମୃତି ସଂସଦର ସମ୍ପାଦକ ତଥା ଭଦ୍ରକ ଜିଲ୍ଲା କ୍ରିକେଟ୍ ଆସୋସିଏସନର ସଭାପତି ଉପେନ୍ଦ୍ର ବାରିକ ସଂପାଦକୀୟ ବିବରଣୀ ପାଠ କରିଥିଲେ।

ସ୍ମୃତି ସଂସଦ ପକ୍ଷରୁ ମୁଖ୍ୟଅତିଥି ଶ୍ରୀ ସିଂହ ଓ ମୁଖ୍ୟବକ୍ତା ଶ୍ରୀ ମହାନ୍ତିଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ନାଟ୍ୟଶ୍ରୀ ନିର୍ମଳ ରାଉତ ଓ ସ୍ମୃତି ସଂସଦର ସହସମ୍ପାଦକ ପ୍ରଭାକର ପରିଡ଼ା ମାନପତ୍ର ପାଠ କରିଥିଲେ। ଗାନ୍ଧୀ ଓଡ଼ିଶା ବାଳାଶ୍ରମର କୃତି ଛାତ୍ର କୃଷ୍ଣଚନ୍ଦ୍ର ବିଶ୍ୱାଳ ଓ ଭଦ୍ରକ ପୌରପାଳିକାର ସଫେଇ କର୍ମଚାରୀ ବିକି ନାୟକ ଓ ଭଦ୍ରକ ଜିଲ୍ଲାର ଯୁବ କ୍ରିକେଟ୍ ପ୍ରତିଭା ଭାଗ୍ୟଶ୍ରୀ ରାଉତଙ୍କୁ ସ୍ମୃତି ସଂସଦ ପକ୍ଷରୁ ମାନପତ୍ର, ଟ୍ରଫି ସହ ନଗର ଅର୍ଥରାଶି ପ୍ରଦାନ କରାଯାଇଥିଲା। ପ୍ରାଧ୍ୟାପକ ନାସିର ବକ୍ସ ଧନ୍ୟବାଦ ଅର୍ପଣ କରିଥିଲେ।

# ବିପୁଳ ପରିମାଣରେ ବିଦେଶୀ ମଦ ଜବତ

**● ଚୋରା ବେପାରୀ ଫେରାର**

**ଭଦ୍ରକ, ୨୭।୩(ସମିସ):** ଭଦ୍ରକ ଟାଉନ ଥାନା ଅଧୀନ ବଙ୍କସ୍କୁଲ ନିକଟ ଅଞ୍ଚଳରେ ଥିବା ଚୋରା ମଦ ଗୋଦାମରେ ଆଜି ପୁଲିସ ବିପୁଳ ପରିମାଣରେ ବିଦେଶୀ ମଦ ଜବତ କରିଛି। ହୋଲି ସମୟରେ ମଦ କାରବାର ବନ୍ଦ ଥିବାବେଳ, ନରିପୁର ବଙ୍କସ୍କୁଲ ନିକଟରେ ଏକ ଘରେ ବେଆଇନ ଭାବେ ମଦ କାରବାର ଚାଲିଥିବା ନେଇ ପୁଲିସ ଖବର ପାଇଥିଲା। ଟାଉନ ପୁଲିସର ଏକ ସ୍ୱତନ୍ତ୍ର ଟିମ୍ ପକ୍ଷରୁ ଅଚାନକ ଚଢ଼ଉ କରାଯାଇଥିଲା। ଚଢ଼ଉ ସମୟରେ ଲକ୍ଷାଧିକ ଟଙ୍କାର ବିଭିନ୍ନ ବ୍ରାଣ୍ଡର ବିଦେଶୀ ମଦ ଜବତ କରାଯାଇଥିଲା। ଅଭିଯୁକ୍ତ ଫେରାର ହୋଇଥିବା ଭଦ୍ରକ ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ ଓ ଟାଉନ ଥାନା ଆଇଆଇସି ବୀରେନ୍ଦ୍ର ସେନାପତି ପୁଲିସ ସୂଚନା ଦେଇଛନ୍ତି।

# ପିକ୍‌ଅପ୍ ଦୁର୍ଘଟଣାରେ ଚାଳକ ମୃତ; ୨ ଆହତ

**ଭଦ୍ରକ, ୨୭।୩(ସମିସ):** ଧାମରାଠାରେ ଏକ ପିକ୍-ଅପ୍ ଦୁର୍ଘଟଣାରେ ଗାଡ଼ି ଚାଳକଙ୍କ ମୃତ୍ୟୁ ଘଟିଥିବା ବେଳେ ୨ଜଣ ଆହତ ହୋଇଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲା ଜମ୍ବୁ ମେରାଇନ ଥାନା ଅଧୀନସ୍ଥ ରାମନଗର ଅଞ୍ଚଳର ତପନ ସରକାର ନିଜର ପିକ୍-ଅପ୍ ନେଇ ଧାମରା ଆସୁଥିଣରଣଝଭଝ ଧାମରା ଥାନା ନିକଟସ୍ଥ ଡିଆଇ ରୋଡରେ ଭାରସାମ୍ୟ ହରାଇ କୋଇଲା ବୋଝେଇ ହାଇଓାକୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଚାଳକଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ଧାମରା ଥାନାଧିକାରୀ ପହଞ୍ଚି ଆହତ ହୋଇଥିବା ହେଲ୍‌ପର ରାମକୃଷ୍ଣ ସିକଦାର ଏବଂ ଦେବଶଙ୍କର ସିକଦାରଙ୍କୁ ପ୍ରଥମେ ଆମ୍ବୁଲାନ୍ସ ଯୋଗେ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିବା ବେଳେ ମୃତ ଚାଳକଙ୍କ ପଞ୍ଚନାମା ପାଇଁ ବାସୁଦେବପୁରକୁ ପଠାଇଥିଲେ।




# ତ୍ୟାଗଭୂମି ପକ୍ଷରୁ ଫଗୁ ମିଳନ ଓ କବିତା ପାଠୋତ୍ସବ

**ଭଦ୍ରକ, ୨୭।୩(ସମିସ):** ଭଦ୍ରକ ଜିଲ୍ଲା ସାଂସ୍କୃତିକ ସମ୍ମେଳନ ତ୍ୟାଗଭୂମି ପକ୍ଷରୁ ସୋମବାର ଜଗନ୍ନାଥପୁର ସ୍ଥିତ ତ୍ୟାଗଭୂମି ଭବନଠାରେ ଆୟୋଜିତ ସାରସ୍ୱତ ଫଗୁମିଳନ ଆଲୋଚନା ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସମ୍ମେଳନର ଉପଦେଷ୍ଟା ଡା. ଦୁର୍ଯ୍ୟୋଧନ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ବିଶିଷ୍ଟ କବି ଡ. ହୃଷୀକେଶ ମଲ୍ଲିକ ଯୋଗଦେଇ ରାଧାକୃଷ୍ଣ, ଶ୍ରୀଚୈତନ୍ୟ, ହୋଲିଖେଳ ଓ ଫଗୁମିଳନର ମହନୀୟ ଦିଗ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଗାଳ୍ପିକ ପବିତ୍ର ପାଣିଗ୍ରାହୀ ଓ ଅଧ୍ୟାପକ ଡ.ବିଶ୍ୱରଞ୍ଜନ ଦାସ ଯୋଗଦେଇ ଓଡ଼ିଆ କାବ୍ୟଧାରାରେ ବସନ୍ତର ରମଣୀୟ ବର୍ଣ୍ଣବୈଚିତ୍ର୍ୟ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବରେଣ୍ୟ ଅତିଥି ଭାବେ ଇଂ.ଅରୁଣ କୁମାର ପାତ୍ର, ଡାକ୍ତର ରବୀନ୍ଦ୍ରକୁମାର ନାୟକ, ଅଖିଳମୋହନ ପାଢ଼ୀ ଓ ବିପ୍ଳବରଞ୍ଜନ ପତି ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନଶିକ୍ଷକ ବୈକୁଣ୍ଠ ବିଶ୍ୱାଳ ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ କରିଥିବାବେଳେ ତ୍ୟାଗଭୂମିର ସଭାପତି ଅଜୟ ନାୟକ ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିଲେ। କବି ସଂଯୁକ୍ତା ବଳ ନାୟକ, ମନୋରମା ରାୟ, ଦୀପ୍ତିମୟ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଫଗୁ କବିତା ପାଠୋତ୍ସବରେ କବି ଦେବେନ୍ଦ୍ରନାଥ ମହାଲିକ, ବିଜୟ ବହଳୀ, ଶାନ୍ତନୁ ରାଉତ, ଅଧ୍ୟାପିକା ଉଷାରାଣୀ ଜେନା, ଡା. ଅନୀଲ ଦାସ, ମୁକୁନ୍ଦଦେବ ନାୟକ, ମୁସ୍ତାକ ଗହ୍ୱର, ସେକ ଅବଦୁଲ ଦୟାନ, ବାବୁଲାଲ ଦାସ, ମମତାରାଣୀ ଦାସ, ଦମୟନ୍ତୀ ନାଥ, ସଂଯୁକ୍ତା ଯାଦବ, ରଶ୍ମିତା ଦାସ, ମିନାକ୍ଷୀ ନାୟକ, ଚିନ୍ମୟ ସ୍ୱାଇଁପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଚନ୍ଦ୍ରଶେଖର ନାୟକ, ଶ୍ରୀହର୍ଷ ସ୍ୱାଇଁ, ଗାଳ୍ପିକ ରଜନୀକାନ୍ତ ମହାନ୍ତି, ଅମ୍ବିକାବଲ୍ଲଭ ସ୍ୱାଇଁ, ଗୋବର୍ଦ୍ଧନ ସାମଲ, ଅଧ୍ୟାପକ ଲଲାଟେନ୍ଦୁ ମଲ୍ଲିକ, ଅକ୍ଷୟ ଜେନା, ନାରାୟଣ ପାଢ଼ୀ, ଅମୂଲ୍ୟ କୁମାର ଦାସ, ରମାକାନ୍ତ ପାଲ, ପ୍ରଶାନ୍ତ ବେହେରା, ବିଜୟ ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସଂଗଠନ ସମ୍ପାଦକ ସୁଧାକର ରାଉତ, ଲୋକନାଟ୍ୟ କଳାକାର ଗୌରାଙ୍ଗ ବାରିକ, ବରିଷ୍ଠ ସଦସ୍ୟ ଅଶୋକ ଦ୍ୱିବେଦୀ ପ୍ରମୁଖ ଉତ୍ସବ ପରିଚାଳନା କରିଥିବା ବେଳେ ସମ୍ପାଦକ ଅଧିବକ୍ତା ଗଦାଧର ବଳ ଧନ୍ୟବାଦ ଅର୍ପଣ କରିଥିଲେ।



# ପୂଜ୍ୟପୂଜା ସଂସଦର ଫଗୁ ମିଳନ

**ଭଦ୍ରକ, ୨୭।୩(ସମିସ):** ଭଦ୍ରକ ପୂଜ୍ୟପୂଜା ସଂସଦ ପକ୍ଷରୁ ଆୟୋଜିତ ୪୭ତମ ସାରସ୍ୱତ ଫଗୁ ମିଳନ ଉତ୍ସବ ସ୍ଥାନୀୟ ଭାଗବତ କଲ୍ୟାଣମଣ୍ଡପରେ ଆୟୋଜିତ ହୋଇଯାଇଛି। ଉତ୍ସବରେ ମୁଖ୍ୟବକ୍ତା ଭାବେ କବି ତଥା ଜଗନ୍ନାଥ ତତ୍ତ୍ୱ ଗବେଷକ ଯଧିଷ୍ଠିର କୁଅଁର ଯୋଗଦେଇଥିଲେ। ବସନ୍ତ ଋତୁରେ ପାଳିତ ହୋଲି ଓ ଦୋଳ କେବଳ ରଙ୍ଗର ପର୍ବ ନୁହେଁ ଏହା ମଣିଷ ଜୀବନ ସହିତ ଓତଃପ୍ରୋତ ଭାବରେ ଜଡ଼ିତ ଏକ ଆଧ୍ୟାତ୍ମିକ ଚେତନା ବୋଲି ଶ୍ରୀ କୁଅଁର କହିଥିଲେ। ଆଧୁନିକ ଭାରତୀୟ ସାହିତ୍ୟ ସ୍ରଷ୍ଟାଙ୍କ ରଚନାରେ ପ୍ରକୃତି ଓ ଋତୁଚକ୍ର ଏକ ବଳିଷ୍ଠ ଆଭିମୁଖ୍ୟ ସୃଷ୍ଟି କରିଥାଏ ବୋଲି ମୁଖ୍ୟଅତିଥି ତଥା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ବେଦବିତ୍ ପଣ୍ଡିତ ଭାଗିରଥି ନନ୍ଦଶର୍ମା ସମ୍ମାନିତ ବକ୍ତା ଅବସରପ୍ରାପ୍ତପ୍ରଧାନ ଶିକ୍ଷୟିତ୍ରୀ ବିଶ୍ୱମୈତ୍ରୀ ନାୟକ ଯୋଗଦେଇ କବି ବସନ୍ତକୁ ଅତ୍ୟନ୍ତ ଆନ୍ତରିକତା ସହିତ ଚିତ୍ରଣ କରିବାରେ ତା'ର ସାଧନା ଓ ଅନୁଭବକୁ ପ୍ରୟୋଗ କରିଥାଏ ବୋଲି କହିଥିଲେ। ଅନୁଷ୍ଠାନର ସଭାପତି କବି କରୁଣାକର ବେହୁରିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଫଗୁ ମିଳନରେ ସହ ସମ୍ପାଦକ ବୈକୁଣ୍ଠ ବିଶ୍ୱାଳ ମଞ୍ଚ ଆମନ୍ତ୍ରଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନୁଷ୍ଠାନର ସମ୍ପାଦକ ରୂପକ ବିହାରୀ ରାୟ ସ୍ୱାଗତ ସମ୍ଭାଷଣ ଜଣାଇଥିଲେ। ଏହି ଅବସରରେ ସ୍ୱଭାବକବି ଗଙ୍ଗାଧର ମେହେର, ନାଟ୍ୟାଚାର୍ଯ୍ୟ ରଘୁନାଥ ପଣ୍ଡା ଓ ଭକ୍ତକବି ମଧୁସୂଦନ ରାଓଙ୍କ 'ବସନ୍ତ କବିତା' ଶାନ୍ତନୁ କୁମାର ରାଉତ, କରୁଣାକର ଉପାଧ୍ୟାୟ ଓ ଘନଶ୍ୟାମ ଲେଙ୍କା ଆବୃତି କରିଥିଲେ। 'ଫଗୁମିଳନ ସମ୍ମାନ-୨୦୨୪' ଡ.କମଳାକାନ୍ତ ଜେନାଙ୍କୁ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। କବୟିତ୍ରୀ ମମତାରାଣୀ ସାହୁଙ୍କ ସଂଯୋଜନାରେ ଆୟୋଜିତ ବହୁଭାଷୀ କବି ସମ୍ମିଳନୀ ଆୟୋଜିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅଜୟ କୁମାର ନାୟକ, ବିଜୟକୁମାର ବହଳୀ, ମନୋରମା ରାୟ, ପ୍ରଭାତ ନଳିନୀ ମହାପାତ୍ର, ରଶ୍ମୀତା ଦାଶ, ମୁସ୍ତାକ ଗହ୍ୱର, ଅବଦୁଲ ଦୟାନ, ଶରତ ଜେନା, ଜଗନ୍ନାଥ ରାଉତ, ଦମୟନ୍ତୀ ନାଥ, ଦୁଃଶାସନ ମହାନ୍ତି, କେଶବ ଚନ୍ଦ୍ର ମହାନ୍ତି, ନିର୍ମଳ ରାଉତ, ବିଚିତ୍ରାନନ୍ଦ ଜେନା, କାଳନ୍ଦୀ ମଲ୍ଲିକ, ନରେଶ ଲେଙ୍କା, ଗୌରାଙ୍ଗ ବାରିକ, ବିପ୍ଳବ ହୋତା, ଉଷାରାଣୀ ଜେନା, ମାନସ ପଣ୍ଡା, ଶଶାଙ୍କ ପଣ୍ଡା, ବିଜୟ ମିଶ୍ର ଓ ଦୀପ୍ତିମୟୀ ସାହୁ ପ୍ରମୁଖ ଯୋଗଦେଇଥିଲେ। ବହୁ ଓଡ଼ିଆ କବିକବୟିତ୍ରୀଙ୍କ ସ୍ୱରଚିତ ଫଗୁ ଫଗୁଣ ଆଧାରିତ ବସନ୍ତ କବିତା ପାଠ କରିଥିଲେ। କବି ଅରୂପାନନ୍ଦ ନାୟକ ଧନ୍ୟବାଦ ଦେଇଥିଲେ।



# ଗାନ୍ଧିଜୀଙ୍କ ପ୍ରଥମ ଭଦ୍ରକ ଭ୍ରମଣ ସ୍ମୃତିଚାରଣ ଉତ୍ସବ

**ଭଦ୍ରକ, ୨୭।୩(ସମିସ)**

୧୯୨୧ ମାର୍ଚ୍ଚ ୨୫ ତାରିଖ ଭଦ୍ରକ ପାଇଁ ଏକ ପବିତ୍ର ଓ ସ୍ମରଣୀୟ ଦିବସ। ଏହି ଦିନ ଜାତିର ଜନକ ମହାତ୍ମା ଗାନ୍ଧୀ ପ୍ରଥମ ଥର ପାଇଁ ଭଦ୍ରକରେ ପାଦ ରଖିଥିଲେ। ଭଦ୍ରକ ସହରର କେନ୍ଦ୍ର ସ୍ଥଳରେ ଅବସ୍ଥିତ ଏକ ଉନ୍ମୁକ୍ତ କ୍ରୀଡ଼ାଙ୍ଗନ, ଗାନ୍ଧୀ ପଡ଼ିଆରେ ଏକ ବିଶାଳ ଜନସମାବେଶକୁ ଉଦବୋଧନ ଦେଇ ଅସହଯୋଗ ଆନ୍ଦୋଳନର ସ୍ୱରୂପ ବର୍ଣ୍ଣନା କରିବା ସହ ଭଦ୍ରକକୁ ସତ୍ୟ, ଶାନ୍ତି ଓ ଅହିଂସାର ମନ୍ତ୍ର ଦେଇଥିଲେ। ଏହି ଘଟଣାର ସ୍ମୃତି ଉଜ୍ଜୀବିତ ରଖିବା ପାଇଁ ସୋମବାର ୨୫ ତାରିଖ ପୂର୍ବାହ୍ଣରେ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ, ଭଦ୍ରକ ଶାଖାର ସଦସ୍ୟ ସେଇ ଗାନ୍ଧୀ ପଡ଼ିଆରେ ସ୍ଥାପିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ଉପସ୍ଥିତ ହୋଇ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଏ ଅବସରରେ ସେଠାରେ ସଫେଇ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହାପରେ ପ୍ରତିଷ୍ଠାନର ସଦସ୍ୟ ଓ ଭଦ୍ରକର ବୁଦ୍ଧିଜୀବୀ ନିକଟସ୍ଥ 'ସୀତାରାମ ମଣ୍ଡପ'ରେ ଆୟୋଜିତ ଏକ ଆଲୋଚନାଚକ୍ରରେ ଯୋଗ ଦେଇଥିଲେ। ପ୍ରତିଷ୍ଠାନର ସଭାପତି ଇଂ ଅଖିଳ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ପ୍ରତିଷ୍ଠାନର ସମ୍ପାଦକ ଆଇନଜୀବୀ ପବନ କୁମାର ଶର୍ମା ୧୦୩ ବର୍ଷ ତଳର ଗାନ୍ଧୀଙ୍କ ଭଦ୍ରକ ଭ୍ରମଣର ପୂର୍ଣ୍ଣାଙ୍ଗ ତଥ୍ୟ ପ୍ରଦାନ କରିଥିଲେ।

ଏ ଅବସରରେ ପ୍ରଫେସର୍ ଅଟଳବିହାରୀ ନାୟକ, ଗାନ୍ଧୀ ବିଚାର ମଞ୍ଚ ସଭାପତି ଶାନ୍ତନୁ କୁମାର ରାଉତ, ଭଦ୍ରକ ଜିଲ୍ଲା ବାର୍ ଆସୋସିଏସନର ସମ୍ପାଦକ ଦିବ୍ୟସିଂହ ନାୟକ, ଉପସଭାପତି ପ୍ରଫେସର ଝରଣା ପଟ୍ଟନାୟକ, ସମାଜସେବୀ ଏମ୍‌ଏମ ଫାରୁକ୍, 'ୱାନ୍ ଷ୍ଟପ୍ ସେଣ୍ଟରର ପରିଚାଳନା ନିର୍ଦ୍ଦେଶକ ଲଲାଟେନ୍ଦୁ ମହାନ୍ତି, ସମାଜସେବୀ ରୋଟାରିଆନ୍ ସୀତାକାନ୍ତ ଦାସ, ପ୍ରାଧ୍ୟାପକ ବିଜୟ କୁମାର ଜେନା ପ୍ରମୁଖ ଗାନ୍ଧୀଙ୍କ ଜୀବନ ଦର୍ଶନ ସମ୍ପର୍କରେ ଆଲୋଚନା କରିଥିଲେ। ଗାନ୍ଧୀ ଓ ଗାନ୍ଧୀବାଦ ଚିରଞ୍ଜିବୀ ଓ ଅପରାଜେୟ। ତଥାପି କିଛି ସ୍ୱାର୍ଥାନ୍ୱେଷୀ ମଣିଷ ରାଜନୈତିକ ଉଦ୍ଦେଶ୍ୟ ରଖି ଅନେକ ମିଥ୍ୟା ତଥା କପୋଳକଳ୍ପିତ କାହାଣୀ ସୃଷ୍ଟି କରି ଦେବତୁଲ୍ୟ ମହାତ୍ମାଙ୍କୁ ନିନ୍ଦିତ କରିବାର ଅପପ୍ରୟାସକୁ ନିନ୍ଦା କରିବା ସହ ଏହାକୁ ପ୍ରତିହତ କରିବା ପ୍ରତ୍ୟେକ ଶିକ୍ଷିତ ଓ ସ୍ୱାଧୀନଚେତା ବ୍ୟକ୍ତିର ଦାୟିତ୍ୱ ବୋଲି ସହମତି ପ୍ରକାଶ କରିଥିଲେ। ଶେଷରେ ଗାନ୍ଧୀବାଦକୁ ଭଲ ପାଉଥିବା ତଥା ଚିହ୍ନିବା ପାଇଁ ପ୍ରୟାସ କରୁଥିବା ଯୁବକ ଯୁବତୀଙ୍କୁ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ସହ ଯୋଡ଼ିବା ପାଇଁ ଅନେକ ପ୍ରସ୍ତାବ ଆଗତ ଓ ଗୃହିତ ହୋଇଥିଲା। ସହସମ୍ପାଦକ ଲକ୍ଷ୍ମୀକାନ୍ତ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।




**● ଶ୍ରୀରାମ ନବମୀ ମହୋତ୍ସବ**

# ୩୧ରେ ମାତୃଭୂମି ଗଣଦୌଡ଼, ଏପ୍ରିଲ ୧୫ରୁ ମହାଯଜ୍ଞ

**ଭଦ୍ରକ, ୨୭।୩(ସମିସ):** ପବିତ୍ର ଶ୍ରୀରାମ ନବମୀ ମହୋତ୍ସବକୁ ନେଇ ଭଦ୍ରକ ଶ୍ରୀରାମ ମହାଯଜ୍ଞ ସମିତି ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବା ଯଶୋଦା ହୋଟେଲରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଚଳିତ ବର୍ଷ ଶ୍ରୀରାମ ନବମୀ ଚିତ୍ତାକର୍ଷକ ଭାବେ ପାଳନ ହେବାକୁ ନିଷ୍ପତ୍ତି ନିଆଯାଇଛି। ଭଦ୍ରକର ପ୍ରସିଦ୍ଧ ଲାଭ କରିଥିବା ଏହି ଶ୍ରୀରାମ ନବମୀ ଏବେ ସମଗ୍ର ଜିଲ୍ଲାରେ ଏବେ ଗଣମହୋତ୍ସବରେ ପାଳନ ହେଉଛି। ଚଳିତ ମାସ ୩୧ ତାରିଖରେ ମାତୃଭୂମି ପାଇଁ ଗଣଦୌଡ଼ ଅନୁଷ୍ଠିତ ହେବାକୁ ଥିବାବେଳେ ଏପ୍ରିଲ ୯ରେ ରାଷ୍ଟ୍ରୀୟ ନବବର୍ଷ ପାଳନ ସହ ସାଧୁସନ୍ଥ ପୂଜନ, ଗୋପୂଜନ ହେବ। ଏପ୍ରିଲ ୧୪ରେ ବାଲ ବଜରଙ୍ଗୀଙ୍କ ସାଇକଲ ଶୋଭାଯାତ୍ରା ହେବ। ୧୫ରେ ବିଶାଳ ମହିଳା କଳସ ଶୋଭାଯାତ୍ରା, ଆଜ୍ଞାମାଳ ଯାତ୍ରା ଅନୁଷ୍ଠିତ ହେବ ଓ ୩ ଦିନ ବ୍ୟାପି ଶ୍ରୀରାମ ମହାଯଜ୍ଞ ଆୟୋଜିତ ହେବ। ୧୬ ତାରିଖରେ ୧୦୮ ହନୁମାନ ଚାଳିଶା ପାଠ ହେବ। ଏପ୍ରିଲ ୧୧ରୁ ୧୭ ତାରିଖ ପର୍ଯ୍ୟନ୍ତ ମୀନାବଜାର ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଗାନ୍ଧୀ ପଡ଼ିଆରେ ଅନୁଷ୍ଠିତ ହେବା ନେଇ ସୂଚନା ପ୍ରଦାନ କରାଯାଇଥିଲା। ସାମ୍ବାଦିକ ସମ୍ମିଳନୀରେ ଶ୍ରୀରାମ ମହାଯଜ୍ଞ ସମିତିର ବରିଷ୍ଠ ଉପଦେଷ୍ଟା ତଥା ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ, ଅନ୍ୟତମ ଉପଦେଷ୍ଟା ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜ, ସମିତିର ସଭାପତି ଆଇନଜୀବୀ ନିତ୍ୟାନନ୍ଦ ନାୟକ, କାର୍ଯ୍ୟକାରୀ ସଭାପତି ବ୍ୟୋମକେଶ ସେନାପତି, ସାଧାରଣ ସମ୍ପାଦକ ଶରତ ପଢ଼ିଆରୀ, ସଂଯୋଜକ ଗୋବିନ୍ଦ ଚନ୍ଦ୍ର ରାଉତ, ଉପସଭାପତି ଜଗନ୍ନାଥ ଦାଶ, ତ୍ରିଲୋଚନ ନାୟକ, କହ୍ନେଇ ଚରଣ ଦାସ, ବରିଷ୍ଠ ଉପଦେଷ୍ଟା ଦୀନବନ୍ଧୁ ପତି, ପ୍ରଦୀପ୍ତ ବିଶ୍ୱାଳ, ବେଦବିଦ୍ ପଣ୍ଡିତ ବିରେନ୍ଦ୍ର ପଣ୍ଡା, ସମ୍ପାଦକ ତୁଷାର କାନ୍ତ ଦାସ, ସ୍ୱରୂପାନନ୍ଦ ମହାପାତ୍ର, ସ୍ୱାଧୀନ ସୁନ୍ଦର ଦାସ, କୋଷାଧ୍ୟକ୍ଷ ନିରଞ୍ଜନ ସାହୁ, ସହକୋଷାଧ୍ୟକ୍ଷ ଶିବ ଶଙ୍କର ଦାସ, ବସନ୍ତ କୁମାର ରାଉତ, ଜ୍ୟୋତି ପ୍ରକାଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



